

"ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ସେସୁ ହେଲ୍‌ପର ଗୁରୁତର

**ବାଲକାଟୀ,୧୩ା୩(ଡି.ଏନ୍.ଏ.):** ବାଲିପାଟଣା ସେସୁ ଅଧୀନ ବୁଦ୍ଧିପଡ଼ାରେ ବୁଧବାର ସେସୁର ଜଣେ ହେଲ୍‌ପର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ପିପିଲି ଥାନା ଅଧୀନ ଓରକଳ ଗ୍ରାମର ପ୍ରଫୁଲ୍ଲ ପ୍ରଧାନ। ଗ୍ରାମର ତାରିଣୀ ମନ୍ଦିର ନିକଟ ଟ୍ରାନ୍ସଫର୍ମରର ସୁଇଚ ଖରାପ ଥିବାରୁ ହେଲପର ଏବଂ ଅନ୍ୟ କର୍ମଚାରୀ ମରାମତି କରୁଥିଲେ। ପ୍ରଫୁଲ୍ଲ ଟ୍ରାନ୍ସଫର୍ମରେ ଚଢ଼ି ମରାମତି କରୁଥିବାବେଳେ ହଠାତ୍ ଖରାପ ଥିବା ସୁଇଚ୍‌ରୁ ଜୋରରେ କରେଣ୍ଟ ମାରିଥିଲା। ସେ ଅଧାପୋଡ଼ା ଅବସ୍ଥାରେ ତଳକୁ ଖସିପଡିଥିଲେ। ସ୍ଥାନୀୟ ଲୋକେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିବାବେଳେ ଘଟଣାସ୍ଥଳରେ ଥିବା ଅନ୍ୟ କର୍ମଚାରୀଜଣକ ଚମ୍ପଟ ମାରିଥିଲେ।

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୩ା୩(ବୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲିପାଟଣା ଥାନାଞ୍ଚଳର ଜ୍ଞାନ ରଞ୍ଜନ ମହାପାତ୍ର। ସୂଚନା ମୁତାବକ, ସତ୍ୟ ବିହାର ଅଞ୍ଚଳରେ ଜଣେ ଯୁବତୀ ରାସ୍ତାରେ ଯାଉଥିବା ବେଳେ ଜ୍ଞାନ ଅଟକାଇ ତାଙ୍କୁ ଅସଦାଚାରଣ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଅଭିଯୋଗ ପରେ ପୋଲିସ ୯୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ରାତି ଅଧରେ କଟିଲା ବିଦ୍ୟୁତ୍, ବହୁ ଅଞ୍ଚଳ ଅନ୍ଧାର

**ପୁରୁଣା ଭୁବନେଶ୍ୱର,୧୩ା୩(ଡି.ଏନ୍.ଏ.):** ବୁଧବାର ରାତି ପ୍ରାୟ ୧୧ଟା ୫୦ରେ ହଠାତ୍ ଓଲ୍ଡ ଟାଉନ୍ ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ କଟିଯାଇଥିଲା। ଫଳରେ ଅଧା ଅଞ୍ଚଳ ଅନ୍ଧକାର ହୋଇପଡିଥିଲା। ଶ୍ରୀଲିଙ୍ଗରାଜ ମନ୍ଦିର, ରଥଖଳା, ତିନିପାଦହରା ପୁଷ୍କରିଣୀ ସମେତ ବଡ଼େଇବାଙ୍କ, ଇନ୍ଦିରା କଲୋନୀ, ଗଙ୍ଗୋତ୍ରୀନଗର, ଶିଶୁପାଳଗଡ଼, ଉତ୍ତରା, ଧଉଳି, ଗଡ଼ମହାବୀର, ଭୀମଟାଙ୍ଗୀ, ନୂଆଗାଁ ଆଦି ବହୁ ଅଞ୍ଚଳ ଘଣ୍ଟା ଘଣ୍ଟା ଧରି ଅନ୍ଧାରରେ ରହିଥିଲା। ଅନ୍ୟପକ୍ଷରେ ଲୋକେ ଶାନ୍ତିରେ ଶୋଇପାରି ନ ଥିଲେ। ଦୀର୍ଘ ସମୟ ଧରି ଲୋକେ ଅପେକ୍ଷା କରିଥିଲେ ମଧ ବିଦ୍ୟୁତ୍ ଆସି ନ ଥିଲା। କେତେଜଣ ଲୋକ ପୁରୁଣା ଭୁବନେଶ୍ୱର ବିଦ୍ୟୁତ୍ ଉପକଣ୍ଠ କାର୍ଯ୍ୟାଳୟକୁ ଫୋନ୍ କରିଥିଲେ ମଧ କହି ଉଠାଇ ନ ଥିଲେ। ଫଳରେ ଲୋକେ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ଉପସ୍ଥିତ କେତେଜଣ କର୍ମଚାରୀ ଲୋକଙ୍କୁ ଦେଖି ବିଦ୍ୟୁତ୍ ସଂଯୋଗ କରାଯାଉଥିବା କହିଥିଲେ। ଇଲେକ୍ଟ୍ରିସିଆନ ସଂସାରି ନାୟକଙ୍କୁ ପଚାରିବାରୁ ସେ ବଡ଼ଗଡ଼ ୩୩କେଭି ଫିଡରରେ ସମସ୍ୟା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା କହିଥିଲେ।

### ଜନପ୍ରତିନିଧିଙ୍କୁ ମାଡ଼ ମାରିଲେ ହୋଟେଲ ବାଉନ୍ସର

**ଭୁବନେଶ୍ୱର,୧୩ା୩(ବୁରୋ):** ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ଜଣେ ଜନପ୍ରତିନିଧିଙ୍କୁ ହୋଟେଲ ବାଉନ୍ସରମାନେ ମାଡ଼ ମାରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତକୁ ନିୟନ୍ତ୍ରଣ କରିଥିଲା। ମାର୍ଶାଘାଇ ଅଞ୍ଚଳର ଜଣେ ଜନପ୍ରତିନିଧି ଉକ୍ତ ହୋଟେଲରେ ଖାଦ୍ୟ ଅର୍ଡର କରିଥିଲେ। ସେ ନିଜ କାର୍‌କୁ ହୋଟେଲ ବାହାରେ ପାର୍କିଂ କରିଥିଲେ। ମାତ୍ର କାର୍ ପାର୍କିଂକୁ ନେଇ ହୋଟେଲର ବାଉନ୍ସର ଓ ଜନପ୍ରତିନିଧିଙ୍କ ମଧରେ ବଚସା ହୋଇଥିଲା। ବାଉନ୍ସରମାନେ ଜନପ୍ରତିନିଧିଙ୍କୁ ମାଡ଼ ମାରିଥିଲେ। ପରେ ବାଉନ୍ସର ଓ ଜନପ୍ରତିନିଧିଙ୍କ ସହଯୋଗୀଙ୍କ ମଧରେ ମାରପିଟ ହୋଇଥିଲା। ଏବଂ ତାଙ୍କ ମଧରେ ବଚସା ହୋଇଥିଲା।

■ ରାଜଧାନୀରେ ଆଉ ଏକ ଡକାୟତି

# ଝରକା ତାଡ଼ି କଳାକନା ବୁଲାଇଲେ

■ ବାହାରୁ କବାଟ କିଳି ତାଡ଼ିଦେଲେ ଗଡ଼ରେଜ
■ ସୁନା ଅଳଙ୍କାର, ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ନେଇଗଲେ
■ ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଆରମ୍ଭ

**ଭୁବନେଶ୍ୱର,୧୩ା୩(ବୁରୋ)**





ଫେବୃୟାରୀ ୨୬ ରାତିରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାରରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ବଡ଼ ଧରଣର ଡକାୟତି ହୋଇଥିଲା। ଡକାୟତମାନେ ପରିବାର ସଦସ୍ୟଙ୍କୁ ମାଡ଼ମାରି ବାନ୍ଧି ଦେବା ସହ ୬ମାସର ଶିଶୁକୁ ମୁଣ୍ଡ ଜାମିନ ରଖି ବିପୁଳ ସମ୍ପତ୍ତି ଲୁଟି ନେଇଥିଲେ। ଏବେ ସମାନ ଢଙ୍ଗରେ ଆଉ ଏକ ଡକାୟତି ହୋଇଛି। ଶହୀଦନଗର ଥାନା ଅନ୍ତର୍ଗତ ଟଙ୍କପାଣିରୋଡ୍ ଲକ୍ଷ୍ମୀବିହାରର ପ୍ଲଟ୍ ନଂ.୬୩୬/୧୨୦୫ରେ ରହୁଥିବା ଅଜୟ କୁମାର ରାୟଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ପରିବାର ସଦସ୍ୟଙ୍କୁ ବାହାରୁ କବାଟ ଦେଇ ସୁନା ଅଳଙ୍କାର, ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ନେଇ ପାର୍ ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଅଜୟ ଓ ତାଙ୍କ ସ୍ତ୍ରୀ ଘରର ତଳ ମହଲାରେ ଶୋଇଥିବାବେଳେ ଉପର ମହଲାରେ ବଡ଼ ଭାଇ ଥିଲେ। ପ୍ରାୟ ୮ଜଣ ଦୁର୍ବୃତ୍ତ ତଳ ମହଲାରେ ଥିବା ଏକ ଘରର ଦୁଇଟି ଝରକାର ଲୁହା ଗ୍ରୀଲ୍ ତାଡ଼ି ଭିତରେ ପଶିଥିଲେ। ପରେ ପରିବାର ସଦସ୍ୟ ଶୋଇଥିବା ଘରକୁ ବାହାରୁ ବନ୍ଦ କରିଦେଇଥିଲେ। ଉକ୍ତ ଘରେ କେହି ନ ଥିବା ସୁଯୋଗ ନେଇ ଗଡ଼ରେଜକୁ ଶାବଳ ଦ୍ୱାରା ତାଡ଼ି ପକାଇଥିଲେ। ରାତି ପ୍ରାୟ ୨ଟାରେ ଭଙ୍ଗାରୁଜା ଶବ୍ଦ ଶୁଣି ଅଜୟଙ୍କ ସ୍ତ୍ରୀଙ୍କ ନିଦ ଭାଙ୍ଗି ଯାଇଥିଲା। ଶବ୍ଦ ଲଗାତର ହେଉଥିବାରୁ ସେ ଉଠି କବାଟ ଖୋଲିବାକୁ ଯାଇଥିଲେ। କବାଟ ବାହାରପଟୁ ଦିଆଯାଇଥିବା ଜାଣିବା ପରେ ଘରେ ଚୋର ପଶିଥିବା ସନ୍ଦେହ କରି ଅଜୟଙ୍କୁ ଡାକିଥିଲେ। ସଙ୍ଗେସଙ୍ଗେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ଏହା ଭିତରେ ଉପର ମହଲାରେ ଥିବା ଅଜୟଙ୍କ ବଡ଼ଭାଇ ମଧ ଉଠିପଡିଥିଲେ। ମାତ୍ର ଭୟରେ ସେ ତଳ ମହଲାକୁ ନ ଆସି ବାଲ୍‌କୋନିରେ ରହି ଚିତ୍କାର କରିଥିଲେ। କଲୋନୀର କେତେଜଣଙ୍କୁ ଫୋନ୍ କରି ଡାକିଥିଲେ। କଲୋନୀ ଲୋକେ ଆସୁଥିବା ଦେଖିବା ପରେ ସେମାନେ ଗଡ଼ରେଜ ଲକରରୁ ୪୦ ଗ୍ରାମ ଓଜନର ଦୁଇଟି ସୁନାଚେନ, ଦୁଇଟି ସୁନାମୁଦି, ନଗଦ ୨୦ହଜାର ଟଙ୍କା, ହାତଘଣ୍ଟା ଓ ବିଭିନ୍ନ ଜିନିଷପତ୍ର ଲୁଟି ନେଇଥିଲେ। ଘରୁ ବାହାରିବା ପରେ ଦୌଡ଼ି ପଳାଉଥିବା ଅଜୟଙ୍କ ବଡ଼ ଭାଇ ବାଲ୍‌କୋନିରୁ ଦେଖିଥିଲେ। ଦୁର୍ବୃତ୍ତମାନେ ବାଇକ୍‌ରେ ଆସିଥିଲେ। ଘରଠାରୁ କିଛି ଦୂରରେ ଗାଡ଼ି ରଖିଥିଲେ। ତେବେ କେତେଜଣ କଲୋନୀ ବାସିନ୍ଦା ଠେଙ୍ଗାବାଡ଼ି ଧରି ଆସିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ସେମାନଙ୍କ ନିକଟରେ ଅତିକ୍ରମ କରୁଥିବା ଦୃଶ୍ୟ ଏକ ସିସିଟିଭି ଫୁଟେଜରେ କଏଦ ହୋଇଛି। ଅନ୍ୟପକ୍ଷରେ ରାତିରେ ପିସିଆର୍ ଭ୍ୟାନ୍ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ଶହୀଦନଗର ପୋଲିସ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ କରିବା ସହ ଅଧିକ ଖୋଳତାଡ଼ ଆରମ୍ଭ କରିଛି। ଏନେଇ ଥାନାରେ ମାମଲା ନଂ.୧୨୪/୧୯ ରୁଜୁ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିଗୁଡ଼ିକୁ ଯାଞ୍ଚ କଲେ ଦୁର୍ବୃତ୍ତଙ୍କ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି କଲୋନୀବାସୀ ଦାବି କରିଛନ୍ତି।

■ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଣଛାତ୍ରଙ୍କୁ ବିଦା ଘଟଣା

# ଶୋଭାଯାତ୍ରାରେ କୁଳପତି, ଡିସିପିଙ୍କୁ ଭେଟିଲେ ଛାତ୍ରୀଛାତ୍ର



ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ଡିସିପିଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି।

**ଭୁବନେଶ୍ୱର,୧୩ା୩(ବୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲଗୁଡ଼ିକରେ ବର୍ଷ ବର୍ଷ ଧରି ଅଣଛାତ୍ରମାନେ ଆଡ୍ଡା ଜମାଇ ରହିଥିଲେ। ସେମାନେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ରହିବା ସହ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନାନା ହଇରାଣ କରୁଥିଲେ। ଏପରିକି ହଷ୍ଟେଲରେ ରହୁଥିବା ଛାତ୍ରମାନଙ୍କୁ ନିର୍ଯାତନା ମଧ ଦେଉ ଆସୁଥିଲେ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୋଲିସ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିଲା। ଛାତ୍ରୀଛାତ୍ରମାନେ ସବୁବେଳେ ନିଜକୁ ଅସୁରକ୍ଷିତ ମଣୁଥିଲେ। ନିକଟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ କମିଶନରେଟ୍ ପୋଲିସ୍‌ର ମିଳିତ ଚଢାଉରେ ୭ ନଂ. ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରାଯାଇଛି। ଏହାପରେ କ୍ୟାମ୍ପସରେ ଏକ ସୁସ୍ଥ ତଥା ଶାନ୍ତିର ବାତାବରଣ ଦେଖାଦେଇଛି। ଏଥିପାଇଁ ଛାତ୍ରୀଛାତ୍ରମାନେ ବେଶ୍ ଖୁସି ପ୍ରକାଶ କରିବା ସହ କୁଳପତି ଓ ଡିସିପିଙ୍କୁ କୃତଜ୍ଞତା ଜଣାଇଛନ୍ତି। ବୁଧବାର ଅପରାହ୍ନରେ ହଜାର ହଜାର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟକୁ ଯାଇ କର୍ତ୍ତୃପକ୍ଷଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ପରେ ସେମାନେ ଭୁବନେଶ୍ୱର ଡିସିପି ଅନୁପ ସାହୁ ଓ ଶହୀଦ ନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଯେପରି ଶାନ୍ତି, ଶୃଙ୍ଖଳା ବଜାୟ ରହିବା ସହ ବିଶ୍ୱବିଦ୍ୟାଳୟରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ଉପରେ ରୋକ ଲଗାଯାଇ ପାରିବ ସେନେଇ ଛାତ୍ରୀଛାତ୍ର ନିବେଦନ କରିଛନ୍ତି।



ବୁଧବାର ରାଜ୍ୟପାଳଙ୍କୁ ଭେଟି ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଏବିଭିପି ଓଡ଼ିଶାର ଏକ ପ୍ରତିନିଧି ଦଳ ।

### ଏବିଭିପି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୧୩ା୩(ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟପାଳଙ୍କୁ ଭେଟି ୧ ହଜାର ସଂସ୍କୃତ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାର ସଂସ୍କୃତ ଭାଷା ବିଲୁପ୍ତ କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ଅଭିଲାଷ ପଣ୍ଡା ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଅଭିଲାଷଙ୍କ ସହ ପୁରୀ ନଗର ସମ୍ପାଦକ ସୌଭାଗ୍ୟ ଦାଶ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂସ୍କୃତ ଛାତ୍ର ସାଗର, ସଦାଶିବ ସଂସ୍କୃତ ସଂସ୍ଥାନର ଛାତ୍ର ବିକ୍ରମ କିଶୋର ଦାଶ ଓ ଛାତ୍ରୀ ସାୟଂକା ଶର୍ମା, ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ଛାତ୍ର ସୁମନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୟା ୱେଷ୍ଟ କେନାଲରେ ପାଣି ଛାଡ଼ିବାକୁ ଦାବି

**ପୁରୁଣା ଭୁବନେଶ୍ୱର,୧୩ା ୩(ଡି.ଏନ.ଏ.)**

ଗ୍ରୀଷ୍ମଋତୁ ଆରମ୍ଭରୁ ଏବେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଜଳ ସ୍ତର ଖସିବାରେ ଲାଗିଛି। ଏହାର ଦୃଷ୍ଟାନ୍ତ ଦୟା ୱେଷ୍ଟ କେନାଲ ଉପକୂଳବର୍ତ୍ତୀ ବିଭିନ୍ନ ଅଞ୍ଚଳ। ରାଜଧାନୀର ବିଭିନ୍ନ ସ୍ଥାନ ଦେଇ ବହିଯାଇଛି ଦୟା ୱେଷ୍ଟ କେନାଲ। ବଶିଷ୍ଟ ନଗର, ଗ୍ୟାରେଜ ଛକ, କପିଳେଶ୍ୱର, କୈବର୍ତ୍ତ ସାହି, ଲକ୍ଷ୍ମୀସାଗର, ବଡ଼ଗଡ଼ ଆଦି ଅଞ୍ଚଳ ଦେଇ ପ୍ରବାହିତ ଏହି କେନାଲରେ ପ୍ରତ୍ୟେକ ବର୍ଷ ବିଭାଗ ପକ୍ଷରୁ ଖରାଦିନେ ପାଣି ଛଡା ଯାଇଥାଏ। ଗ୍ରାମାଞ୍ଚଳରେ ଖରିଫ ଫସଲ ପାଇଁ ଅନେକ ଶାଖା ଏବଂ ମୁଖ୍ୟ କେନାଲରେ ପାଣି ଛଡ଼ାଯିବା ସହ ଚାଷୀମାନେ ଧାନଚାଷ କରନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଖରାଦିନେ କେନାଲରେ ପାଣି ଛାଡ଼ିଲେ ଅଧିବାସୀମାନେ ଉପକୃତ ହୋଇପାରିବେ। ଏହାଦ୍ୱାରା ଏହି ଅଞ୍ଚଳର ବିଭିନ୍ନ କୂପ, ଜଳାଶ୍ରୟ, ନଳକୂପଗୁଡ଼ିକରେ ଜଳ ପତ୍ତନ ଖସିବା ଦେଖାଦେଇଛି। ଏହା ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ପାଲଟିଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପାଣି ଛାଡ଼ିବା ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ନେଇ ପ୍ରାଚୀ ଡିଭିଜନ କନିଷ୍ଠ ଯନ୍ତ୍ରୀ ଅଗଣି ବେହେରାଙ୍କୁ ଫୋନ ନଂ. ୭୯୭୮୭୯୬୪୩୮କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

# 'ମଧୁରମ୍' ଓଡ଼ିଶୀ ନୃତ୍ୟ ମହୋତ୍ସବ

**ମଧୁରମ୍ ସମ୍ମାନ ପାଇଲେ ଗୁରୁ ନବକିଶୋର ମିଶ୍ର**

**ଭୁବନେଶ୍ୱର,୧୩ା୩(ବ୍ୟୁରୋ)**

ମଧୁରମ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ନୃତ୍ୟ ମହୋତ୍ସବ 'ମଧୁରମ୍' ବୁଧବାର ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତ ମହାବିଦ୍ୟାଳୟ ପୂର୍ବତନ ଅଧାପିକା ପ୍ରଫେସର ଡ. ସ୍ନେହପ୍ରଭା ସାମନ୍ତରାୟ ଓ ଶାନ୍ତନୁ ପୃଷ୍ଟି ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ନବକିଶୋର ମିଶ୍ରଙ୍କୁ 'ନାଲ୍‌କୋ ମଧୁରମ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ରାଜ୍ୟର ବିଶିଷ୍ଟ ନୃତ୍ୟଗୁରୁମାନେ ଏକକ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଗୁରୁ ବିମ୍ବାଧର ଦାଶ 'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ' ପରିବେଷଣ କରିବା ପରେ ଗୁରୁ ମିନତି ପ୍ରଧାନ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ରଚନା, ହରିହର ପଣ୍ଡାଙ୍କ ସଙ୍ଗୀତ ଓ ଗୁରୁ ପଙ୍କଜ ଚରଣ ଦାସଙ୍କ ସଂଯୋଜନାରେ 'ମଧୁରାଷ୍ଟକମ୍' ପରିବେଷଣ କରିଥିଲେ। ଏହାପରେ ଗୁରୁ ନିରଞ୍ଜନ ରାଉତଙ୍କ ଦ୍ୱାରା 'ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତ' ପରିବେଷିତ ହୋଇଥିଲା। ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଗୁରୁ କେଳୁଚରଣ ମହାପାତ୍ରଙ୍କ ସଂଯୋଜନାରେ 'ଆହେ ନୀଳ ଶଇଳ'ରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଭାତ କୁମାର ସ୍ୱାଇଁଙ୍କ ଏକକ ନୃତ୍ୟ ସହ ଆଶୁତୋଷ ପରିଡ଼ା ଓ ରଞ୍ଜନ କୁମାର ରାଉତଙ୍କ ଦ୍ୱାରା ଦ୍ୱୈତ୍ୟ ଭାବେ ମଙ୍ଗଳାଚରଣ ଏବଂ ପଲ୍ଲବୀ ପରିବେଷିତ ହୋଇଥିଲା। ପରେ ପାରଳାଖେମୁଣ୍ଡିର ପଦାମୃତ ନୃତ୍ୟାୟନ ଅନୁଷ୍ଠାନ ଓ ଭୁବନେଶ୍ୱରର ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସମବେତ ନୃତ୍ୟ ମଞ୍ଚସ୍ଥ ହୋଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ୫୦ଜଣ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ 'ମଧୁରମ୍ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୨୬ରେ ବାଲକାଟୀ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ

**ବାଲକାଟୀ,୧୩ା୩(ଡି.ଏନ୍.ଏ.);** ରାଜଧାନୀ ଉପକଣ୍ଠରେ ଆସନ୍ତା ୨୬ତାରିଖ ମଧରାତ୍ରରେ ବାଲକାଟୀ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହେବାକୁ ଯାଉଛି। ବାକଲାଟୀ ମେଳଣର ଫଗୁକୁ ନେଇ ଏକ ସ୍ୱତନ୍ତ୍ରତା ରହିଛି। ଚଳିତବର୍ଷ ମେଳଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତାପଶାସନ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ସରପଞ୍ଚ ଭାଗ୍ୟଧର ନନ୍ଦୀଙ୍କ ନେତୃତ୍ୱରେ ବାରମ୍ବାର ବୈଠକ କରାଯାଉଛି। ଠାକୁରମାନେ ବିଭିନ୍ନ ସାହି ପରିକ୍ରମା କରିବାବେଳେ ପ୍ରତ୍ୟେକ ସାହିରେ ନାମୀଦାମୀ ବ୍ୟାଣ୍ଡ ପାର୍ଟି, ସମ୍ବଲପୁରୀ ବାଦ୍ୟ ଭଳି ଅନେକ ବାଜା ରୋଷଣିରେ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଲାଗି ରହିଛି। ସରପଞ୍ଚଙ୍କ ଅଧକ୍ଷତାରେ ବିଭିନ୍ନ ସାହିର ୱାର୍ଡସଭ୍ୟ, ପୂର୍ବତନ ସରପଞ୍ଚଙ୍କୁ ନେଇ କିଭଳି ଶାନ୍ତିଶୃଙ୍ଖଳାର ସହ ମେଳଣ ସମାପନ ହେବ ବୈଠକରେ ଆଲୋଚନା ହୋଇଛି।

# ଇନରହ୍ୱିଲ୍ (ଉତ୍ତର)ର 'ହାପି ସ୍କୁଲ୍' ପ୍ରୋଜେକ୍ଟ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଶିକ୍ଷୟିତ୍ରୀଙ୍କ ଗହଣରେ ଛାତ୍ରୀଛାତ୍ର।

**ଭୁବନେଶ୍ୱର,୧୩ା୩(ବ୍ୟୁରୋ)**

ଇନରହ୍ୱିଲ (ଉତ୍ତର ଭୁବନେଶ୍ୱର) ପକ୍ଷରୁ କଳାରାହାଙ୍ଗସ୍ଥିତ ପ୍ରୋଜେକ୍ଟ ୟୁପି ସ୍କୁଲକୁ 'ହାପି ସ୍କୁଲ' ଘୋଷଣା କରାଯାଇଛି। ସ୍କୁଲର ଗୋଟିଏ ଶ୍ରେଣୀଗୃହକୁ ରଙ୍ଗ କରାଯିବା ସହ ସ୍କୁଲକୁ ଦୁଇ ପଙ୍ଖା, ୭ଟି ବେଞ୍ଚ ଓ ଚେୟାର୍, ୩୦ ସ୍କୁଲ ବ୍ୟାଗ୍ ଓ କଳାପଟା ଆଦି ପ୍ରଦାନ କରାଯାଇଛି। ସେହିଭଳି ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଗୋଟିଏ ଆକ୍ୱାଗାର୍ଡ଼ ମଧ ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଇନରହ୍ୱିଲ୍‌ର ଜିଲା ଅଧକ୍ଷା କ୍ରୀଷ୍ଣା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଘୋଷଣା କରିଥିବାବେଳେ ଇନରହ୍ୱିଲ୍ (ଉତ୍ତର)ର ସଭାପତି ସରୋଜିନୀ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମିଶ୍ର ଉପସ୍ଥିତ ଥିବାବେଳେ ଇନରହ୍ୱିଲ୍ ସଦସ୍ୟା ଇନ୍ଦିରା ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଚିତ୍ରଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୧୩ା୩(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ବୁଧବାର ବିଶିଷ୍ଟ ଚିତ୍ରଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଂସ୍କୃତି ଭବନସ୍ଥିତ ଏକାଡେମୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ଗୁନେନ୍ଦ୍ର ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ଶିଳ୍ପୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶାରେ ଚିତ୍ରକଳାର ସାମଗ୍ରୀକ ଉନ୍ନତି କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କଳା ସମୀକ୍ଷକ ଦିଲୀପ ହାଲି, ବରିଷ୍ଠ କର୍ମଚାରୀ ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ କାନୁନ୍‌ଗୋ ଚିତ୍ରକଳା ଜଗତର ଅନ୍ୟତମ ସ୍ରଷ୍ଟା ବୋଲି ଅଭିହିତ କରିଥିଲେ। ଏହି ଅବସରରେ ବହୁ ସଂସ୍କୃତିପ୍ରେମୀ ଯୋଗଦେଇ ଶିଳ୍ପୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏକାଡେମୀର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଶିଳ୍ପୋତ୍ସବରେ ମହିଳାଙ୍କ ପ୍ରସ୍ତୁତ ଉତ୍ପାଦ ପ୍ରଦର୍ଶିତ

**ପୁରୁଣା ଭୁବନେଶ୍ୱର,୧୩ା ୩(ଡି.ଏନ.ଏ.)**



ଶିଳ୍ପୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ସ୍ଥାନୀୟ ରାମମନ୍ଦିର ଖଦି ଗ୍ରାମୋଦ୍ୟୋଗ ବୋର୍ଡ ପରିସରରେ ଅନ୍ତର୍ଜାତୀୟ ଶିଳ୍ପୋତ୍ସବରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପ୍ରଦର୍ଶିତ ହେଉଛି। ଏହା ଅନ୍ତର୍ଜାତୀୟ ମହିଳା ଦିବସ ୧୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୬ ତାରିଖ ଯାଏ ଚାଲିବ। ଓଡ଼ିଶାରେ ଅନେକ ହସ୍ତଶିଳ୍ପ ରହିଛି ଯାହା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଲୋକପ୍ରିୟତା ଲାଭ କରିଛି। ମହିଳାମାନଙ୍କ ତିଆରି କରାଯାଇଥିବା ହସ୍ତଶିଳ୍ପ ସାମଗ୍ରୀ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଏହି ଶିଳ୍ପୋତ୍ସବ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ସହଯୋଗରେ କରାଯାଉଛି। ଏଥିରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର, ଚାନ୍ଦୁଆ, ଭଳି ଉତ୍ପାଦଗୁଡ଼ିକ ପ୍ରଦର୍ଶିତ କରାଯାଇଛି। ପଦ୍ମଶ୍ରୀ ପ୍ରଭାକର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଉଦ୍‌ଘାଟନୀ କରିଥିବାବେଳେ ସିନିୟର ଆସିଷ୍ଟାଣ୍ଟ ଡାଇରେକ୍ଟର ଏ.କେ. ପାଣିଗ୍ରାହୀ ଉତ୍ସବରେ ଅଧକ୍ଷତା କରିଥିଲେ।

### ଭିଏସ୍‌ଏସ୍ ନଗର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ଆରମ୍ଭ

**ଭୁବନେଶ୍ୱର,୧୩ା୩(ବ୍ୟୁରୋ)**

ଭିଏସ୍‌ଏସ୍ ନଗର ଡାକ୍ତରଖାନାରେ ବୁଧବାରଠାରୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି। ଗତ ୮ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏହି ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ। ଡା. ଇଥି ନୋଏଲ ଇସାୟା ଯୋଗଦେଇ ରୋଗୀ ସେବା ଆରମ୍ଭ କରିଛନ୍ତି। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଉପସଭାପତି ଇଂ. ଶିବପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା, କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମସମ୍ପାଦକ ପ୍ରତାପ ନନ୍ଦ, ନିମାଇଁ ଦାସ, ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଡାକ୍ତରଙ୍କୁ ସ୍ୱାଗତ ଜଣାଇଥିଲେ।

■ ସିରିଜ୍ ଦୁର୍ଘଟଣା ଘଟାଇଲା ମୋ ବସ୍

# ଡ୍ରାଇଭର ମଦ୍ୟପାନ କରିଥିବାରୁ ଉତ୍ତେଜନା

■ ୩ ବାଇକ୍‌କୁ ଧକ୍କା
■ ଡ୍ରାଇଭର ଅଟକ

**ଭୁବନେଶ୍ୱର,୧୩ା୩ (ବୁରୋ)**

ରାଜଧାନୀରେ ମଦ୍ୟପାନ କରି ମୋ ବସ୍ ଚଲାଉଥିଲେ ଡ୍ରାଇଭର। ରାସ୍ତାରେ ସାପ ଭଳି ବସ୍ ଚାଲୁଥିବା ଦେଖି ଲୋକେ ଅତ୍ୟନ୍ତ ଭୟଭୀତ ହୋଇପଡିଥିଲେ। କେତେଜଣ ଲୋକେ ଉକ୍ତ ବସ୍‌କୁ କଳ୍ପନାରୁ ପିଛା କରି ଏଜି ଛକ ପୂର୍ବରୁ କାବୁ କରିଥିଲେ। ସେତେବେଳକୁ ଉକ୍ତ ବସ୍‌ଟି ସିରିଜ୍ ଦୁର୍ଘଟଣା ଘଟାଇ ସାରିଥିଲା। ମିଳିଥିବା ସୂଚନାନୁସାରେ, ଓଡି୩୩ଭି ୨୯୦୦ ନମ୍ବର ବିଶିଷ୍ଟ ମୋ ବସ୍‌ଟି ରାତି ସାଢେ ୯ଟାରେ କଳ୍ପନାଛକ ଦେଇ ଏଜି ଛକ ଆସୁଥିଲା। କଳ୍ପନାରୁ ରାଜମହଲ ରାସ୍ତା ମଝିରେ ପ୍ରଥମେ ଏକ ବାଇକକୁ ଧକ୍କା ଦେଇଥିଲା। ବାଇକରୁ ଚାଳକ ସମେତ ପଛରେ ବସିଥିବା ମହିଳା ଛିଟିକି ରାସ୍ତା କଡରେ ପଡିଯାଇଥିବାବେଳେ ବସ୍‌ଟି ବାଇକ ଉପରେ ଚଢ଼ି ଯାଇଥିଲା। ପରେ ରାସ୍ତାରେ ଆଉ ଦୁଇଟି ବାଇକକୁ ଧକ୍କା ଦେଇଥିଲା। ଡ୍ରାଇଭର ବସ୍ ନେଇ ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଲୋକ ବସ୍‌କୁ କାବୁ କରି ଡ୍ରାଇଭରକୁ ଧରିବା ପରେ ସେ ମଦ୍ୟପାନ କରିଥିବା ଜଣାପଡିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ପରେ ପୋଲିସ ବସଟିକୁ ଟ୍ରାଫିକ ଥାନାକୁ ନେବା ସହ ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୪/୨୦୧୯ Bhubaneswar, Thursday, March 14/2019

## ସଂକ୍ଷେପରେ

### କାର ଉପରକୁ ବୋମାମାଡ଼ ସିସିଟିଭିରେ ୨ ଦୁର୍ବୃତ୍ତଙ୍କ କାରନାମା



**ଖୋର୍ଦ୍ଧା ଅଫିସ,୧୩।୩:** ଖୋର୍ଦ୍ଧା ଆଦର୍ଶ ଥାନା ଶ୍ରୀରାମନଗର ହାଉସିଂ ବୋର୍ଡ କଲୋନୀର ମଧୁସୂଦନ ପାଲଟାସିଂଙ୍କ କାର ଉପରକୁ ମଙ୍ଗଳବାର ରାତି ପ୍ରାୟ ୨ଟା୨୪ମିନିଟ୍‌ରେ ବୋମାମାଡ ହୋଇଛି। ଏଥିରେ ଗାଡିର ପଛପାଖ ଗ୍ଲାସ ଭାଙ୍ଗି ଯାଇଛି। ଦୁଇଜଣ ଅଜଣା ଯୁବକ ଚାଲି ଚାଲି ଆସି ବୋମା ପକାଇ ଫେରାର ହୋଇଯାଇଛନ୍ତି। ଅଜଣା ଯୁବକଙ୍କ ୩ ମିନିଟର କାରନାମା ସିସିଟିଭିରେ କଏଦ ହୋଇ ରହିଯାଇଛି। ମଧୁସୂଦନ ମଙ୍ଗଳବାର ରାତି ପ୍ରାୟ ୧ଟା୪୫ମିନିଟ୍‌ରେ (ଓଡି୦୨ଏଏଚ ୪୧୧୩) କାର ଯୋଗେ ଘରକୁ ଫେରିଥିଲେ। ଘର ନିକଟରେ କାର ଧୋଇ ନିତ୍ୟକର୍ମ ଶେଷ କରୁଥିଲେ। ହେଲେ ରାତିରେ ଶବ୍ଦ ଶୁଣି ଦେଖନ୍ତି ତ କାର ଉପରକୁ ବୋମାମାଡ ହୋଇଛି। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବୁଧବାର ତଦନ୍ତ କରିଛି।

### ବିଦେଶରେ ଚାକିରି ଦେବା ବାହାନାରେ ୨୨ ଲକ୍ଷ ଠକେଇ

#### ବୋଲଗଡ଼ରୁ ଗିରଫ ଅଭିଯୁକ୍ତ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୧୩।୩:** ବିଦେଶରେ ଭଲ ଚାକିରି ପ୍ରଲୋଭନ ଦେଖାଇ ୨୨ ଲକ୍ଷ ଟଙ୍କା ଜଣେ ବ୍ୟକ୍ତି ଠକି ନେଇଥିଲେ। ଏ ନେଇ ବାଣପୁର ଥାନାରେ ଅଭିଯୋଗ ପରେ ବୋଲଗଡ ଥାନା ମରଦାବାଡି ଗାଁର ପ୍ରମୋଦ ମହାରଣାଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପ୍ରମୋଦଙ୍କୁ ଜେଲ ଯିବାକୁ ପଡିଛି। ମରଦାବାଡି ଗାଁର ପ୍ରମୋଦ ନିଜକୁ ଏକ ବିଦେଶୀ କମ୍ପାନୀର ଏଜେଣ୍ଟ ଭାବେ ପରିଚୟ ଦେଇ ବାଣପୁର ଥାନା ନାଚୁଣୀ ଫାଣ୍ଡି ଅନ୍ତର୍ଗତ ନାଚୁଣୀ, କୁଲେଇ, ସଲପଡିହ ପ୍ରଭୃତି ଗ୍ରାମର ୨୬ ଜଣ ଯୁବତୀଯୁବକଙ୍କୁ ପ୍ରଲୋଭିତ କରିଥିଲେ। ଦୁବାଇ ଗଲେ ମାଗଣା ଖାଦ୍ୟ, ପାନୀୟ ଓ ବାସଗୃହ ସହ ମାସିକ ୨୫ ହଜାର ଟଙ୍କା ଦରମା ମିଳିବ ବୋଲି ମହାରଣା କହିଥିଲେ। ତେବେ ପାସପୋର୍ଟ, ଭିଜା ଏବଂ ଅନ୍ୟ ଆବଶ୍ୟକ କାଗଜପତ୍ର ପାଇଁ ୮୦ ହଜାର ଟଙ୍କା ନେଇଥିଲେ। ତେବେ ୨୨ ଲକ୍ଷ ନେଇ ସାରିବା ପରେ ପ୍ରମୋଦ ଆଉ ସହଯୋଗ କରି ନ ଥିଲେ। ବିଭିନ୍ନ ବାହାନା ଦେଖାଇ ସମୟ ଗଡାଇ ଚାଲିଥିଲେ। ଅପରପକ୍ଷେ ୩ ମାସ ପରେ କମ୍ପାନୀରୁ ନିଯୁକ୍ତି ପତ୍ର ନ ଆସିବାରୁ ଯୁବକମାନେ ପ୍ରମୋଦଙ୍କୁ ପଚରାଉଚୁରା କରିଥିଲେ। ଫଳରେ ପ୍ରମୋଦ ଯୁବକମାନଙ୍କୁ ମାରପିଟ୍ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ରାଜେଶ ଘଣ୍ଟ, ସୁକୁମାର ସ୍ୱାଇଁ, ହୃଷୀକେଶ ଘଣ୍ଟ ପ୍ରମୁଖ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ବାଣପୁର ପୋଲିସ ପ୍ରମୋଦଙ୍କୁ ବୋଲଗଡ ପୋଲିସ ସହାୟତା ଗିରଫ କରିଥିଲା।

### ଠକେଇ ଅଭିଯୋଗରେ ପୌର କର୍ମଚାରୀ ଗିରଫ

**ପୁରୀ ଅଫିସ,୧୩।୩:** ବିନା ରସିଦ୍‌ରେ ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ବୁଧବାର ଜଣେ ପୌର କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ ମାର୍କଣ୍ଡେଶ୍ୱର ସାହିର ଅର୍ଜୁନ ପଣ୍ଡା। ବୁଧବାର ପୂର୍ବାହ୍ନରେ ସିଂହଦ୍ୱାର ପୋଲିସ ଲକ୍ଷ୍ମୀବଜାରରେ ପାଟ୍ରୋଲିଂ କରୁଥିବା ବେଳେ ଅର୍ଜୁନ ବ୍ୟବସାୟୀଙ୍କଠାରୁ ବିନା ରସିଦରେ ଟଙ୍କା ଆଦାୟ କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ପଚରାଉଚରା ପରେ ବିନା ରସିଦ୍‌ରେ ଟଙ୍କା ଆଦାୟ ଏବଂ ଠକେଇ ଅଭିଯୋଗରେ ଏକ ମାମଲା ରୁଜୁ ହୋଇଛି।

## ■ ନିର୍ବାଚନୀ ପ୍ରଚାର ଉପରେ କଟକଣା

# ଆଡ୍‌ଭାଇଜରି ଜାରି କଲା କମିଶନରେଟ ପୋଲିସ

**ଭୁବନେଶ୍ୱର,୧୩।୩ (ବ୍ୟୁରୋ)**

- ■ ଶୋଭାଯାତ୍ରା, ସଭା ପାଇଁ ଅନୁମତି ବାଧ୍ୟତାମୂଳକ
- ■ ରହିବନି ୧୦ରୁ ଅଧିକ ଚାରିଚକିଆ ଯାନ
- ■ ବାଣ, ଅସ୍ତ୍ରଶସ୍ତ୍ର, ସ୍କୁଲ୍ ପିଲାଙ୍କୁ ବ୍ୟବହାର ମନା
- ■ ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନିର୍ବାଚନ ତାରିଖ ଘୋଷଣା ପରଠୁ ବଢ଼ି ଚାଲିଛି ରାଜନୈତିକ ଉଷ୍ମତା। ଆଉ କିଛିଦିନ ପରେ ଆରମ୍ଭ ହୋଇଯିବ ଜୋର୍‌ଦାର ପ୍ରଚାର। ରୋଡ୍ ଶୋ ଓ ସଭାରେ କମ୍ପି ଉଠିବ ଗାଁଠୁ ସହର। ରାଜ୍ୟର ରାଜନୈତିକ ପ୍ରାଣକେନ୍ଦ୍ର କୁହାଯାଉଥିବା ଭୁବନେଶ୍ୱର ଓ କଟକରେ ଏବେଠୁ ବିଭିନ୍ନ ଦଳ ସଜବାଜ ଆରମ୍ଭ କରିଦେଇଥିବାବେଳେ କମିଶନରେଟ୍ ପୋଲିସ ବୁଧବାର ଆଡ୍‌ଭାଇଜରି ଜାରି କରିଛି। ନିର୍ବାଚନ ପ୍ରଚାର ସମୟରେ ଦଳଗୁଡିକ କେଉଁ ନିୟମ ପାଳନ କରିବେ, କ'ଣ କରିବେନି ସେ ସମ୍ପର୍କରେ ଆଡଭାଇଜରିରେ ଟିକିନିଖି ଉଲ୍ଲେଖ ରହିଛି। ଏହାକୁ ସମସ୍ତେ ପାଳନ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନାରେ ସହଯୋଗ କରିବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପରାମର୍ଶ ଦେଇଛନ୍ତି।

ଜାରି ଆଡ୍‌ଭାଇଜରି ଅନୁସାରେ, ସାଧାରଣ ସଭା, ରୋଡ୍‌ଶୋ ଏବଂ ରାଲି ପାଇଁ ଦଳଗୁଡିକ ଡିସିପି ଅଫିସରେ ଅନୁମୋଦନ ପାଇଁ ଆବେଦନ କରିବେ। ଅନୁମତି ମିଳିଥିବା ସ୍ଥାନ ବ୍ୟତୀତ ଅନ୍ୟ କେଉଁଠି ନିର୍ବାଚନୀ କାର୍ଯ୍ୟକ୍ରମ କରିପାରିବେ ନାହିଁ। ବେସରକାରୀ ଜମି ଉପରେ ସଭା କରିବାକୁ ହେଲେ ଉକ୍ତ ଜମି ମାଲିକଙ୍କଠାରୁ ଅନୁମତି ଆଣିବାକୁ ପଡିବ। ଯଦି ଗୋଟିଏ ସ୍ଥାନ ପାଇଁ ଏକାଧିକ ରାଜନୈତିକ ଦଳ ଆବେଦନ କରିଥିବେ, ପ୍ରଥମ ଆବେଦନକୁ ଅନୁମତି ମିଳିବ। ଏ ସମସ୍ତ ଘଟଣା ବିଷୟରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଯିବ। ସେହିଭଳି ଶୋଭାଯାତ୍ରାରେ କେତେ ଲୋକ ଓ କେତେ ଗାଡ଼ି ବ୍ୟବହାର କରାଯିବ ସେ ନେଇ ପୋଲିସକୁ ଆଗୁଆ ସୂଚନା ଦେବାକୁ ପଡିବ। ଏହାସହ ୧୦ରୁ ଅଧିକ ଚାରି ଚକିଆ ଯାନ ପ୍ରାର୍ଥୀମାନେ ରାଲିରେ ବ୍ୟବହାର କରିପାରିବେ ନାହିଁ। ଯଦି ବ୍ୟବହାର କରିବେ ୧୦୦ ମିଟର ବ୍ୟବଧାନରେ ଗାଡ଼ି ରଖାଯିବା ବାଧ୍ୟତାମୂଳକ। ରାସ୍ତାରେ ରାଲି ଯିବାବେଳେ ଅଧାଭାଗ ସାଧାରଣ ଲୋକଙ୍କ ପାଇଁ ଛଡାଯିବ। ରାଲିଗୁଡିକ ରାସ୍ତାର ଅଧାରୁ ଅଧିକ ସ୍ଥାନ ନେଇପାରିବ ନାହିଁ। ସେହିପରି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଶୋଭାଯାତ୍ରାରେ ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ କଟକଣା କରାଯିବା ସହ ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ଲାଇଟ୍ ସ୍ପିକର ବ୍ୟବହାର କରିବେ। ରୋଡ୍ ଶୋରେ ନାବାଳିକା ନାବାଳକଙ୍କୁ ବନ୍ଦ କରାଯାଇଛି। ବିଶେଷକରି ୟୁନିଫର୍ମରେ ଥିବା ସ୍କୁଲ ପିଲାଙ୍କୁ ବ୍ୟବହାର କରାଯାଇ ପାରିବ ନାହିଁ। ସର୍ବାଧିକ ୬ଫୁଟ ଚଉଡା ଓ ୪ ଫୁଟର ବ୍ୟାନର ବ୍ୟବହାର କରାଯାଇ ପାରିବ। ଏହାସହ ରାଲିରେ ବ୍ୟବହାର କରାଯାଉଥିବା ଗାଡିରେ ୧ଫୁଟ ଲମ୍ବର ଦଳୀୟ ପତାକା ବ୍ୟବହାର କରାଯିବ। ଶୋଭାଯାତ୍ରାବେଳେ କୌଣସି ପ୍ରକାର ମାରଣାସ୍ତ୍ର, ବାଡି ଓ ଲାଠି ବ୍ୟବହାର କରିବେନି ଦଳୀୟ କର୍ମୀ। ଅନୁମତି ମିଳିଥିବା ରୁଟ୍‌ରେ ହିଁ ପ୍ରାର୍ଥୀଙ୍କ ଗାଡି ଯିବାଆସିବା କରିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ ହେଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।



ହାତୀପଲ ଭାଙ୍ଗିଦେଇଥିବା ପାଚେରି।

# କାଇପଦର ଗାଁରେ ହାତୀପଲ

## ■ ଖାଇଗଲେ ଧାନ, ନଷ୍ଟ କଲେ ଫଳଗଛ

**ଖୋର୍ଦ୍ଧା ଅଫିସ,୧୩।୩**

ଖୋର୍ଦ୍ଧା ରେଞ୍ଜର କାଇପଦର ଗାଁ ଦାଣ୍ଡରେ ବୁଧବାର ଭୋର ସମୟରେ ଏକ ୬ ଜଣିଆ ହାତୀପଲକୁ ଦେଖିବାକୁ ମିଳିଥିଲା। ଏହି ହାତୀପଲ ଅତର୍କିତ ଭାବେ କାଇପଦର ଗାଁରେ ପଶି ବକାରୀ ମହାନ୍ତିଙ୍କ ବାରିପଟ ୩୦ ହାତ ପ୍ରାଚୀର ଭାଙ୍ଗି ୧୫ ବସ୍ତା ଧାନ ଖାଇ ଦେଇଛନ୍ତି। ଡେକ୍‌ଚି, ହଣ୍ଡା, ବାଲ୍‌ଟି ଆଦି ଘର ଉପକରଣ ନଷ୍ଟ କରି ଦେଇଛନ୍ତି। ସେହିପରି ଗୋବିନ୍ଦ ବେହେରା, ପ୍ରଶାନ୍ତ ମହାପାତ୍ର ଓ ସୁଦର୍ଶନ ମାର୍ଥାଙ୍କର ପଣସ, କଦଳୀ, ସଜନା ଛୁଇଁ ଗଛ ଭାଙ୍ଗି ଫଳ ଖାଇବା ସହ ପନିପରିବା ଫସଲ ଉଜାଡି ଦେଇଛନ୍ତି। ଗାଁ ଦାଣ୍ଡରେ ହାତୀପଲକୁ ଦେଖି ଗାଁଲୋକ ଭୟଭୀତ ହୋଇ ଘରକୁ ପଶି ଯାଇ ଜୀବନ ବଞ୍ଚାଇଥିଲେ।

# ବିଜିୟୁ ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ମାଲେସିଆ ଭ୍ରମଣ




**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ଦୁଇଜଣ ଫାକଲ୍‌ଟିଙ୍କ ସହ ୩୨ଜଣ ଏମ୍‌ବିଏ ଛାତ୍ରୀଛାତ୍ର ଇଣ୍ଟରନ୍ୟାଶନାଲ ଷ୍ଟୁଡେଣ୍ଟ୍‌ସ ଏକ୍ସଚେଞ୍ଜ ପ୍ରୋଗ୍ରାମ ଅବସରରେ ମାଲେସିଆସ୍ଥିତ ମଲ୍ଟି ମିଡିଆ ୟୁନିଭର୍ସିଟି(ଏମ୍‌ଏମ୍‌ୟୁ)କୁ ଏକ ଶୈକ୍ଷିକ ଭ୍ରମଣରେ ଯାଇଛନ୍ତି। ଏମ୍‌ଏମ୍‌ୟୁ ପ୍ରଫେସର ଡ. ଲିୟୁ. ଜେ. ଉଇ କୁଆଲାଲମ୍ପୁର ବିମାନବନ୍ଦରରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ମାଲେସିଆର ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲି ଦେଖିବା ସହ ଏମ୍‌ଏମ୍‌ୟୁରେ ଅଧ୍ୟାପକମାନଙ୍କଠାରୁ ଉଚ୍ଚମାନର ଶିକ୍ଷା ଗ୍ରହଣ କରିବେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ପି. ନାୟକ କହିଛନ୍ତି, ଏମ୍‌ବିଏ ଛାତ୍ରୀଛାତ୍ର କିପରି ଆନ୍ତର୍ଜାତିକ ଶିକ୍ଷାନୁଷ୍ଠାନ, ଭିନ୍ନ ସଂସ୍କୃତିଏବଂ ସେଠାକାର ସାମାଜିକ ଜୀବନ ସମ୍ବନ୍ଧରେ ଜାଣିବାର ସୁଯୋଗ ପାଇବେ, ତାହା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ସେମାନେ ବିଭିନ୍ନ ଆନ୍ତର୍ଜାତିକ କମ୍ପାନୀ ଏବଂ ଏମ୍‌ଏନ୍‌ସିଗୁଡ଼ିକର ସଂସ୍କୃତି ଓ ମୂଲ୍ୟବୋଧକୁ ସମ୍ମାନ ଦେଇ ଶିଖିବେ। ଏମ୍‌ବିଏ ଦ୍ୱିତୀୟ ବ୍ୟାଚ୍‌ର ୪୦ଜଣ ଛାତ୍ରୀଛାତ୍ର ଆସନ୍ତା ଜୁଲାଇରେ ମାଲେସିଆ ଯିବା ଯୋଜନା ରହିଛି। ଅନ୍ୟ କେତେଜଣ ଏମ୍‌ବିଏ ଓ ବିବିଏ ଛାତ୍ରୀଛାତ୍ର ସେମାନଙ୍କ ପ୍ରଥମ ସେମିଷ୍ଟର ପାଠ୍ୟକ୍ରମ ୟୁରୋପିଆନ ୟୁନିଭର୍ସିଟିଜ୍ ଯଥା ସ୍ଲୋଭେନିଆ ଏବଂ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ଫ୍ରାନ୍ସଠାରେ ଜାରି ରଖିଛନ୍ତି।

# ଜବତ ଟ୍ରଲରରେ ଥିଲା ୭ କୁଇଣ୍ଟାଲ ମାଛ

## ୨୬,୬୫୦ ଟଙ୍କାରେ ନିଲାମ ହେଲା

**କାକଟପୁର,(ଡି.ଏନ.ଏ.)୧୩।୩**

ବେଆଇନ ଭାବେ ଅସ୍ତରଙ୍ଗ ଦେବୀ ମୁହାଣ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବାଲେଶ୍ୱର ଅଞ୍ଚଳର ସାମସୁଲ ଆରଫିନ୍ ନାମକ ଏକ ଟ୍ରଲରକୁ ମଙ୍ଗଳବାର ଅସ୍ତରଙ୍ଗ ବନ ବିଭାଗ ଜବତ କରିଥିଲା। ସନ୍ଧ୍ୟା ହୋଇଯିବାରୁ ଟ୍ରଲରରୁ ମାଛ ବାହାର କରାଯାଇପାରି ନ ଥିଲା। ବୁଧବାର ଅସ୍ତରଙ୍ଗ ବନ ବିଭାଗ ଉକ୍ତ ଟ୍ରଲରକୁ ପୁରୀ ନେଇ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଥିବା ଅସ୍ତରଙ୍ଗ ରେଞ୍ଜର ଯୋଗେନ୍ଦ୍ର ପାତ୍ର କହିଛନ୍ତି। ରେଞ୍ଜର ପାତ୍ର ଓ ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶୁଭେନ୍ଦୁ ମଲିକଙ୍କ ଉପସ୍ଥିତିରେ ଜବତ ଟ୍ରଲରରୁ ମାଛ କଢ଼ାଯାଇ ସର୍ବସାଧାରଣରେ ନିଲାମ କରାଯାଇଥିଲା। ଏଥିରେ ୭ କୁଇଣ୍ଟାଲ ୩୬ କିଲୋଗ୍ରାମ୍‌ର ବିଭିନ୍ନ ପ୍ରକାର ମାଛ ଥିବା ବେଳେ ସେ ସବୁକୁ ୨୬,୬୫୦ ଟଙ୍କାରେ ନିଲାମ କରାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

## ■ ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା

# ପ୍ରକଳ୍ପ ଲାଗି ସ୍ଥାନ ଚିହ୍ନଟ

**ପୁରୀ ଅଫିସ,୧୩।୩**

ପୁରୀ ବେଳାଭୂମିକୁ ମିଳିଛି ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା। ରାଜଭବନଠାରୁ ମେ ଫେୟାର ହୋଟେଲ ପର୍ଯ୍ୟନ୍ତ ବେଳାଭୂମି ଏହି ମାନ୍ୟତା ପାଇଛି। ଏଥିପାଇଁ ୬ ଜଣିଆ ଟିମ୍ ଦୁଇଦିନ ଧରି ସମ୍ପୃକ୍ତ ଅଞ୍ଚଳ ବୁଲି ଦେଖିବା ସହ ବିଭିନ୍ନ ପ୍ରକଳ୍ପ ଲାଗି ସ୍ଥାନ ଚିହ୍ନଟ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଟିମ୍ ସଦସ୍ୟମାନେ ରାଜଭବନଠାରୁ ମେ ଫେୟାର ପଛପଟ ପର୍ଯ୍ୟନ୍ତ ବେଳାଭୂମିରେ ବୁଲିଥିଲେ। ବେଳାଭୂମିର ସ୍ୱଚ୍ଛତା, ସୁରକ୍ଷା ଆଦି ଦିଗକୁ ଅନୁଧ୍ୟାନ କରିଥିଲେ। ବୁଧବାର ପୂର୍ବାହ୍ନରେ ମଧ୍ୟ ସମ୍ପୃକ୍ତ ଟିମ୍ ଚିହ୍ନଟ ଅଞ୍ଚଳ ସମେତ ପୁରୀ ବେଳାଭୂମିର ଅନ୍ୟାନ୍ୟ ଅଞ୍ଚଳ ବୁଲିଥିଲେ। କେଉଁ ସ୍ଥାନରେ ସୁରକ୍ଷିତ ସ୍ନାନ କରିହେବ, ତାହା ବୁଲି ଦେଖିବା ସହ ସେଥିଲାଗି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରିଥିବା ଜଣାପଡିଛି। ଏଥିସହ ବ୍ଲୁ ଫ୍ଲାଗ୍ ବିଚ୍‌ରେ ରହୁଥିବା ବିଭିନ୍ନ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଅର୍ଥାତ୍ ପୋଷାକ ପରିବର୍ତ୍ତନ ଗୃହ, ମହିଳା ପୁରୁଷଙ୍କ ଲାଗି ପୃଥକ୍ ଶୌଚାଳୟ, ପାନୀୟ ଜଳ, ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ପର୍ଯ୍ୟଟକଙ୍କ ବସିବା ଲାଗି ଚେୟାର, ଛତା, ଏଲ୍‌ଇଡି ଲାଇଟ୍, ଜଗିଂ ଟ୍ରାକ୍, ଫିଟ୍‌ନେସ୍ ଉପକରଣ, ହୁଇଲ ଚେୟାର, ସିସିଟିଭି, ସୁରକ୍ଷା ପତାକା, ସଫେଇ ମେଶିନ, ୱାଚ୍ ଟାୱାର, ସୂଚନା ବୋର୍ଡ, ବେଳାଭୂମି ମ୍ୟାପ୍, ସଚେତନତା ବୋର୍ଡ, ଲାଇଫ୍‌ଗାର୍ଡ ଓ ସେମାନଙ୍କ ଉପକରଣ, ଆଶୁ ଚିକିତ୍ସା କିଟ୍, ସୋଲାର ପାୱାର ପ୍ଲାଣ୍ଟ ଆଦି ପ୍ରକଳ୍ପ ଲାଗି ସ୍ଥାନ ମଧ୍ୟ ଚିହ୍ନଟ କରିଛନ୍ତି। ଏହିସବୁ ପ୍ରକଳ୍ପ ଲାଗି ସିଆରଜେଡ୍ କ୍ଲିୟରାନ୍ସ ମଧ୍ୟ ମିଳିଥିବା ଜଣାପଡିଛି।

ଦିଲ୍ଲୀର ଏକ ବୈଷୟିକ ସଂସ୍ଥାର ଅଧିକାରୀ, ରାଜ୍ୟ ଉପକୂଳ ଅଞ୍ଚଳ ନିୟନ୍ତ୍ରଣ ପ୍ରାଧିକରଣ ଅଧିକାରୀ ଓ ବିଶେଷଜ୍ଞ ଏହି ଟିମ୍‌ରେ ସାମିଲ ଥିଲେ। ବୁଧବାର ବେଳାଭୂମି ବୁଲି ଅନୁଧ୍ୟାନ କରିବା ପରେ ପାନ୍ଥନିବାସରେ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏଥିରେ ବିଭିନ୍ନ ପ୍ରକଳ୍ପ ତିଆରି ନିମନ୍ତେ ଆଲୋଚନା ହୋଇଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଡେନ୍‌ମାର୍କରୁ ଏକ ଉଚ୍ଚସ୍ତରୀୟ ଟିମ୍ ପୁରୀ ଆସି ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପାଇଥିବା ଅଞ୍ଚଳ ପରିଦର୍ଶନ କରିବ ବୋଲି ସୂଚନା ମିଳିଛି।

## ■ ୩୬ ଲକ୍ଷ ଟଙ୍କାର ମଦ ବିକି ଦେଲେ

# ଦୁର୍ଘଟଣାର ରୂପ ଦେଇ ଫସିଲେ

**ଖୋର୍ଦ୍ଧା ଅଫିସ,୧୩।୩**

**ଟ୍ରକ୍ ଡ୍ରାଇଭର ସହ ୩ ଜେଲ ଗଲେ**

ପୂର୍ବ ଯୋଜନା ମୁତାବକ ୩୬ ଲକ୍ଷ ଟଙ୍କାର ବିଦେଶୀ ମଦ ବିକି ଦେଲେ। ହେଲେ ଟ୍ରକ୍‌କୁ ଦୁର୍ଘଟଣାର ରୂପ ଦେଇ ଇନସ୍ୟୁରାନ୍ସ ଅର୍ଥ ପାଇବାକୁ ଉଦ୍ୟମ କଲାବେଳକୁ ଠକେଇ ଓ ଚୋରି ଧରା ପଡି ଯାଇଥିଲା। ଖୋର୍ଦ୍ଧା ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଏପରି ଏକ ଚୋରି ଘଟଣାର ପର୍ଦ୍ଦାଫାଶ କରି ଟ୍ରକ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ କେନ୍ଦ୍ରାପଡା ନରେନ୍ଦ୍ରପୁରର ବାପି ପଲେଇ(୩୫), ପିପିଲି ଦରଡାର ପ୍ୟାରୀମୋହନ ବିଶ୍ୱାଳ(୫୦) ଓ ଟ୍ରକ୍ ଡ୍ରାଇଭର ନିମାପଡାର ଜିତେନ୍ଦ୍ର ପଣ୍ଡା(୨୮)ଙ୍କୁ ଜେଲ ଯିବାକୁ ପଡିଛି। ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧା ଶିଳ୍ପାଞ୍ଚଳରୁ (ଓଆର୦୯ ଜି ୬୬୪୭) ଟ୍ରକରେ ୩୬ ଲକ୍ଷ ଟଙ୍କାର ବିଦେଶୀ ମଦ ରାୟଗଡା ଯିବାର ଥିଲା। ଏ ନେଇ ଟ୍ରକରେ ମାଲ ବୋଝେଇ ହେବା ପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରୁ ୨୦୧୮ ଡିସେମ୍ବର ୨୦ରେ ଯାଇଥିଲା। ରାୟଗଡାରେ ଟ୍ରକ ନ ପହଞ୍ଚିବାରୁ ୨୦୧୯ ଜାନୁୟାରୀ ୪ରେ ଖୋର୍ଦ୍ଧାର ଟ୍ରାନ୍ସପୋର୍ଟ କମ୍ପାନୀ ଆଞ୍ଚଳିକ ମ୍ୟାନେଜର ଦୀପକ ସାମନ୍ତରାୟ ଶିଳ୍ପାଞ୍ଚଳ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ. ୪/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଥିଲା ଗିରଫ ଅଭିଯୁକ୍ତଙ୍କ ସହ ଅନ୍ୟ କେତେଜଣ ଲୋକ ମିଶି ମଦ ଗାଏବ ପରେ ବିକ୍ରି କରି ଦେଇଛନ୍ତି। ଟ୍ରକକୁ ଦୁର୍ଘଟଣାର ରୂପ ଦେଇ ଫୁଲବାଣୀରେ ପକାଇ ଦେଇଥିଲେ। ହେଲେ ଇନସ୍ୟୁରାନ୍ସ ଅର୍ଥ ନେବା ପାଇଁ ଉଦ୍ୟମ ଆରମ୍ଭ କରିଥିବାବେଳେ ପୋଲିସ ପୂର୍ବ ପ୍ରସ୍ତୁତ ଯୋଜନାକୁ ପଣ୍ଡ କରି ଦେଇଛି।

**ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ**

# ଅବସର ପରେ ମଣିଷ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ବାର୍ଦ୍ଧକ୍ୟରେ ମଣିଷ ପାଲଟିଯାଏ ସମସ୍ତଙ୍କ ପାଇଁ ଅଦରକାରୀ। ଜୀବନର ଅପରାହ୍ନରେ ବିଶ୍ରାମ ଖୋଜୁଥିବା ସ୍ଥାନରେ ତାକୁ ମିଳେ ନିର୍ଯାତନା। ସାରା ଜୀବନ ନିଜ ପେଟ କାଟି ସନ୍ତାନର ସୁଖକୁ ପ୍ରାଥମିକତା ଦେଇଥିବା ସେହି ମଣିଷ ସନ୍ତାନ ଆଖିରେ ଦିନେ ବୋଝ ହୋଇଯାଏ। ତା' ନିଜ ପିଲା ତାକୁ ଅଦରକାରୀ ଭାବି ଘରକୋଣରେ ଫିଙ୍ଗିଦିଅନ୍ତି। ଆଉ ସେତେବେଳେ ବାର୍ଦ୍ଧକ୍ୟର ବୋଝ କାନ୍ଧରେ ବୋହି ଚାଲିବା ତା' ପାଇଁ ଅସହ୍ୟ ହୋଇପଡ଼େ। ଯେଉଁ ପୁଅ କାଲିକୁ ନିଜେ ବାପା ହେବ, ସେ ନିଜ ବାପା କଥା ଚିନ୍ତା କରିବାକୁ ଅନୁଚିତ୍ ମଣେ। ଏବେ ବି ସମୟ ଅଛି। ସେହି ନ୍ୟୁନ ମାନସିକତାକୁ ବଦଳାଇ ଏକ ନୂଆ ସମାଜ ଗଢ଼ିବା। ଯେଉଁଠି ଜୀବନର ଅପରାହ୍ନରେ ବିଶ୍ରାମ ଖୋଜୁଥିବା ଆମ ମା' ଓ ବାପା ଶାନ୍ତିରେ ନିଃଶ୍ୱାସ ନେଇପାରିବେ। ଏଭଳି ଏକ କାହାଣୀକୁ ନେଇ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଅବସର। ନାଟ୍ୟାନୁଷ୍ଠାନ 'ପଞ୍ଚମବେଦ'ର ପଞ୍ଚଦଶ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନର ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଷ୍ଠାନର ଏହି ନିଜସ୍ୱ ନାଟକ ପରିବେଷିତ ହୋଇଥିଲା। ନାଟକ ରଚନା ହର ବାରିକ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ହରେନ୍ ସାହୁ। ବିଭିନ୍ନ ଭୂମିକାରେ ହରେନ୍, ବାପୁ ରଥ, ଜ୍ଞାନେନ୍ଦ୍ର ଶତପଥୀ, ଜିତୁ ପଟ୍ଟନାୟକ, ମାନସ ପରିଡ଼ା, ପ୍ରକାଶ ମହାରଣା, କରୁଣାକର ସାମଲ, ଜ୍ୟୋତିର୍ମୟୀ ରଥ ପ୍ରମୁଖ ଅଭିନୟ କରିଥିଲେ।



ନାଟକ 'ଅବସର'ର ଏକ ଦୃଶ୍ୟ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।"
-ଫ୍ରାନସିସ ବେକନ



## ସଂକ୍ଷେପରେ

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୧୩।୩ (ଡି.ଏନ୍.ଏ) -** ସାଲେପୁର ସହରସ୍ଥିତ ରୟାଲ୍ ଅପ୍‌ଟିକାଲ୍ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଏସ୍.ନଭେଦ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଏସ୍.ସ୍ୱାଲେଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ନରସିଂହପୁରରେ ନୂତନ ଥାନା ଅଧିକାରୀ

**ନରସିଂହପୁର ୧୩।୩(ଡି.ଏନ୍.ଏ.) -** କଟକ ଜିଲା ନରସିଂହପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ଲିଙ୍ଗରାଜ ଲେଙ୍କାଙ୍କୁ ଅବସ୍ଥାପିତ କରାଯାଇଛି। ସେ ୨୦୧୧ରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇବା ପରେ ଢେଙ୍କାନାଳରେ କାର୍ଯ୍ୟ କରିଥିଲେ। ପରେ ଅନୁଗୋଳ, ରାଉରକେଲା ଓ ପରଜଙ୍ଗ ଆଦି ସ୍ଥାନରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ନରସିଂହପୁର ଥାନାରେ ଯୋଗଦେବା ପୂର୍ବରୁ ସେ ପରଜଙ୍ଗ ଥାନାରେ ଇନ୍ସପେକ୍ଟର ଦାୟିତ୍ୱ ତୁଲାଇଥିଲେ। ଅପରପକ୍ଷେ ନରସିଂହପୁର ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କୁ ନେମାଳକୁ ବଦଳି କରିଦିଆଯାଇଛି।

### ଗଣିତ ବିଭାଗର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଙ୍କୀ,୧୩।୩(ସ୍ୱ.ପ୍ର.)-** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଶେଷ ବର୍ଷ ସମ୍ମାନର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ଗାୟତ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଡ.ଶ୍ରୀକାନ୍ତ ଦାସ, ଅଧାପକ ଗୁରୁବାରୀ ସାହୁ, ଅଧାପିକା ଜ୍ୟୋତି ବେଉରା ପ୍ରମୁଖ ଯୋଗଦେଇଥିଲେ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଗିରଫ

**କଟକ ସଦର, ୧୩।୩(ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଞ୍ଚଳର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ବସନ୍ତକୁଣ୍ଡଳ ଗ୍ରାମର ପର୍ଶୁ ସାମଲ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୧୦୯/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୧ ତାରିଖରେ ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିବାରୁ ସେ ଚିତ୍କାର କରିଥିଲେ। ଏହି ଚିତ୍କାର ଶୁଣି ପଡୋଶୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ୧୧୦ ଦଫାରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୩।୩:** ଆଇପିସି ଦଫା ୧୧୦ରେ ଜଣେ ଅଭିଯୁକ୍ତଙ୍କୁ ମାଲଗୋଦାମ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ଚତୁର୍ଭୁଜ ଦାସ ଓରଫ୍ ବୁଢ଼ା(୫୦)। ପୋଲିସ ସୂଚନା ଅନୁଯାୟୀ, ବୁଢ଼ାଙ୍କ ବିରୋଧରେ ମାଲଗୋଦାମ ଥାନାରେ ବହୁ ଆପରାଧିକ ମାମଲା ରହିଥିବାବେଳେ ସେଥିମଧ୍ୟରୁ କେତେକ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଏପରି କି ତାଙ୍କ ବିରୋଧରେ କୋର୍ଟର ଏନ୍‌ବିଡବ୍ଲ୍ୟୁ ରହିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

### ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

**ନରାଜ/କଟକ ଅଫିସ, ୧୩।୩-** ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ତ୍ରିବିଗ୍ରହ (ବାବା ଆଖଣ୍ଡଳମଣୀ, ପଞ୍ଚମୁଖୀ ହନୁମାନ ଓ ଶନିଦେବ)ଙ୍କ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ ଦିନ ବ୍ୟାପୀ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହସ୍ନାନ, ବିଗ୍ରହ ନ୍ୟାସ ପୂର୍ଣ୍ଣାହୁତି ଓ ଭଜନକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ଶେଷଦେବ ଷଡ଼ଙ୍ଗୀ ଓ ସାଥି ମନ୍ତ୍ରପାଠ କରି ବିଗ୍ରହ ପ୍ରତିଷ୍ଠା କରାଇଥିଲେ।

# ଏସ୍‌ସିବିରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ ଅଫିସ, ୧୩।୩**




**ଚିକିତ୍ସା ଅବହେଳା ଅଭିଯୋଗ**
- ପୋଲିସର ତଦନ୍ତ ଆରମ୍ଭ
- ଦୀର୍ଘ ସମୟ ପର୍ଯ୍ୟନ୍ତ ଆସିଲେନି ଡାକ୍ତର

ରୋଗୀ ମୃତ୍ୟୁକୁ ନେଇ ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ୱାର୍ଡରେ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକ ୱାର୍ଡ ସମ୍ମୁଖରେ ହୋ ହଲ୍ଲା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏ ନେଇ ରୋଗୀଙ୍କ ପରିବାର ଲୋକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୁରୀ ଜିଲା ଭଗତପଡ଼ା ଅଞ୍ଚଳର ପ୍ରଦୀପ ମଲ୍ଲିକଙ୍କ ପେଟରେ ଗ୍ୟାଷ୍ଟ୍ରିକ୍ ହୋଇଥିଲା। ଫଳରେ ତାଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଗତ ସୋମବାର ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ହସ୍ପିଟାଲର ହୃଦ୍‌ରୋଗ ୱାର୍ଡରେ ଆଡ୍‌ମିଟ୍ କରାଯାଇଥିଲା। ପ୍ରଦୀପଙ୍କ ଭଉଣୀ ସୁଲୋଚନାଙ୍କ ଅଭିଯୋଗ ଅନୁଯାୟୀ, ଆଡମିଶନ ପରେ ଡାକ୍ତର ପ୍ରଦୀପଙ୍କର କିଡ୍‌ନୀ ରୋଗ ଥିବା କହିଥିଲେ ଏବଂ ଚିକିତ୍ସା କଲେ ରୋଗ ଭଲ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବୁଧବାର ସନ୍ଧ୍ୟାରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏହାଦେଖି ତାଙ୍କ ପରିବାର ଲୋକେ ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡାକ୍ତର ଆସି ନ ଥିଲେ। ଫଳରେ ରୋଗୀ ଜଣଙ୍କ ଦୀର୍ଘ ସମୟ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ସୁଲୋଚନା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳାବାଗ ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ହୋଇନି। ଯଦି ଅଭିଯୋଗ ଆସେ ତେବେ ତାହା ଉପରେ ତଦନ୍ତ କରାଯିବ।

## ଜାତୀୟ ଦୁଃସାହସିକ ଶିବିରରେ ଯୋଗଦେବେ ବାଙ୍କୀ କଲେଜ ଛାତ୍ରୀଛାତ୍ର




ଜାତୀୟ ଦୁଃସାହସିକ ଶିବିର ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର।

**ବାଙ୍କୀ ୧୩।୩(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଜାତୀୟ ଦୁଃସାହସିକ ଶିବିରରେ ଯୋଗଦେବା ପାଇ ମନୋନୀତ ହୋଇଛନ୍ତି। ଉକ୍ତ ଶିବିର ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ହେଉଥିବା ବେଳେ ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ବୁଧବାର ହିମାଚଳ ପ୍ରଦେଶର ସିମଲା ଗସ୍ତ କରିଛନ୍ତି। ସେମାନେ ହେଲେ ଶୁଭ୍ରାଜ୍ୟୋତି ଭୂୟାଁ, ତରୁଣକାନ୍ତ ବିଶ୍ୱାଳ, ବର୍ଷା ପ୍ରିୟଦର୍ଶିନୀ ସାହୁ, ଜ୍ଞାନେନ୍ଦ୍ର ପାଇକରାୟ, ଲାଲ୍‌ମୋହନ ସେଠୀ, ବଳଭଦ୍ର ଦେଉରୀ, ଶାଶ୍ୱତ ଧଳ, ଭୂପେନ୍ଦ୍ର ମନ୍ତ୍ରୀ, ଦୀପକ କୁମାର ସାହୁ ଓ ପ୍ରଶାନ୍ତ ରଣା।

**୧୦ ଜଣଙ୍କ ସିମଲା ଗସ୍ତ**

ଛାତ୍ରୀଛାତ୍ରଙ୍କ ଏହି ଗସ୍ତ ପାଇଁ ମହାବିଦ୍ୟାଳୟର ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ, ଯୁକ୍ତଦୁଇ ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ, ମହିଳା ବିଭାଗର କାର୍ଯ୍ୟକାରୀ ଅଧିକାରୀ ବିଷ୍ଣୁ ପ୍ରିୟା ପ୍ରଧାନ ଓ ରୋଭର୍ସ ଲିଡର ଭୂପତି ଭୂଷଣ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

■ କ୍ଷେତ୍ରଟ ଆଇଡିଆଲ ପବ୍ଲିକ ସ୍କୁଲ, ଶିକ୍ଷା ଖର୍ଚ୍ଚ ପ୍ରଦାନ ଦାବି

# ଦ୍ୱିତୀୟ ଦିନରେ ଅଭିଭାବକଙ୍କ ଧାରଣା




ଧାରଣାରେ ବସିଥିବା ଅଭିଭାବକ।

**ରଘୁନାଥପୁର,୧୩।୩ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତିସ୍ଥିତ କ୍ଷେତ୍ରଟ ଆଇଡିଆଲ ପବ୍ଲିକ ସ୍କୁଲର ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷା ଖର୍ଚ୍ଚ ପ୍ରଦାନ ନିମନ୍ତେ ମଙ୍ଗଳବାର ଓ ବୁଧବାର ଅଭିଭାବକମାନେ ବିଇଓ ଅଫିସ ଆଗରେ ଧାରଣାରେ ବସିଛନ୍ତି। ବ୍ଲକ ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁ ଉକ୍ତ ସ୍କୁଲର ପ୍ରସ୍ତାବକୁ ଇନକ୍ୱାରି ରିପୋର୍ଟ ସହ ଡିଇଓଙ୍କ ପାଖକୁ ପଠାଇ ଦେଇଛନ୍ତି। କିନ୍ତୁ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆଡଭାଇଜରି କମିଟିର ଚେୟାରମ୍ୟାନ ପ୍ରାଣକୃଷ୍ଣ ନାୟକ ଓ ଭାଇସ ଚେୟାରମ୍ୟାନ ରୂପେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। ମଙ୍ଗଳବାର କାର୍ଯ୍ୟାଳୟ ପକ୍ଷରୁ ଇନକ୍ୱାରି ରିପୋର୍ଟ ସମ୍ପର୍କରେ ଜାଣିବାକୁ କୁହାଯାଇଥିଲା। ପରନ୍ତୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଆଦେଶ ବିନା ଇନକ୍ୱାରି ରିପୋର୍ଟ ସାଧାରଣରେ ପ୍ରକାଶ କରାଯାଇ ପାରିବ ନାହିଁ ବୋଲି ବିଇଓ କହିଥିଲେ। ଆନ୍ଦୋଳନ ଦିନକୁ ଦିନ ଜଟିଳ ରୂପ ନେଉଛି। ଭୋକ ଉପବାସରେ ବସି ରହିଥିବା ଭାଇସ ଚେୟାରମ୍ୟାନ ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ପରିଲକ୍ଷିତ ହୋଇଛି। ବିଇଓ ସାହୁ ଅନଶନକାରୀଙ୍କୁ ବୁଝାଇ ଅନଶନ ପ୍ରତ୍ୟାହୃତ କରିନେବାକୁ ପ୍ରବର୍ତ୍ତାଇଥିଲେ। ମଧ୍ୟ ସେମାନେ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ପବ୍ଲିକ ସ୍କୁଲରେ ଅଧ୍ୟୟନରତ ଏସି, ଏସ୍‌ଟି ଓ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ସରକାରଙ୍କ ନିୟମ ଅନୁଯାୟୀ ୨୫ ପ୍ରତିଶତ ଶିକ୍ଷା ଖର୍ଚ୍ଚ ବହନ କରାଯିବାର ବ୍ୟବସ୍ଥା ରହିଛି। ସ୍କୁଲ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ପ୍ରସ୍ତାବ ବିଇଓ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲେ ମଧ୍ୟ ଇନକ୍ୱାରି ଅଫିସର ଉଦ୍ଦେଶ୍ୟ ମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଏବିଇଓ ନରହରି ମିଶ୍ରଙ୍କୁ ପଚାରିବାରେ ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ବିଇଓ ଅନଶନକାରୀଙ୍କୁ ବୁଝାଇ ଅନଶନ ପ୍ରତ୍ୟାହୃତ କରିବାକୁ କହିଥିଲେ ମଧ୍ୟ ସେମାନେ ଏହାକୁ ସମ୍ପୂର୍ଣ୍ଣ ଆଗ୍ରହ୍ୟ କରି ଦେଇଛନ୍ତି। ଯଥାଶୀଘ୍ର ଜିଲାପାଳ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ବାଦାମବାଡ଼ି ଥାନା ସ୍ଥାନାନ୍ତର ପାଇଁ ଦାବିପତ୍ର

**କଟକ ଅଫିସ, ୧୩।୩**

କଟକରେ ଥିବା ବାଦାମବାଡି ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅନ୍ତର୍ଜାତୀୟ ମାନବ ଅଧିକାର କାଉନ୍‌ସିଲ, ଓଡ଼ିଶା ସମାଜସେବୀ ମହାସଂଘ ଓ ଓଡ଼ିଶା ନାରୀ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସେମାନେ ଡିଜିପିଙ୍କ ଉଦ୍ଦେଶ୍ୟରେ ବୁଧବାର ଡିସିପିଙ୍କ କାର୍ଯ୍ୟାଳୟରେ ଡିସିପି ଅଖିଳେଶ୍ୱର ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବାଦାମବାଡି ଥାନାରେ ପର୍ଯ୍ୟାପ୍ତ ପରିସୀମା ଅଭାବରୁ ଜବତ ହୋଇଥିବା ଗାଡ଼ି ରଖିବାରେ ଅସୁବିଧା ହେଉଛି। ତେଣୁ ଏହି ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପୂର୍ବରୁ ଦାବି ହୋଇଆସୁଥିଲା। ଓଡ଼ିଶା ପୋଲିସ ଓ ସରକାରୀ ସ୍ତରରେ ଥାନାର ସ୍ଥାନାନ୍ତରୀକରଣ କରିବା ପାଇଁ ମଞ୍ଜୁରୀ ମିଳିଥିଲା। ହେଲେ ଏହି ମଞ୍ଜୁରୀ ମିଳିବାର ପ୍ରାୟ ୨ ବର୍ଷ ବିତିଗଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସ୍ଥାନାନ୍ତର ହୋଇପାରୁନି। ଏତାଛଡା ଜବତ ଗାଡ଼ିଗୁଡ଼ିକ ଥାନା କଡରେ ରହିବା ଯୋଗୁ ତାହା ସମସ୍ୟାକୁ ଅଧିକ ବଢାଇ ଦେଉଛି। ଥାନା ଯୋଗୁ ଟ୍ରାଫିକ ସମସ୍ୟା ମଧ୍ୟ ବଢ଼ିବାରେ ଲାଗୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଥାନାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ତର୍ଜାତୀୟ ମାନବ ଅଧିକାର କାଉନ୍‌ସିଲର ଅଧକ୍ଷା ସସ୍ମିତା ଦାସଙ୍କ ନେତୃତ୍ୱରେ ପ୍ରତିନିଧିମାନେ ଡିସିପିଙ୍କୁ ଦାବିପତ୍ର ଦେଇଥିଲେ।

## ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ



ଭାଜପା କର୍ମକର୍ତ୍ତାମାନେ ପଥପ୍ରାନ୍ତ ସଭା କରୁଛନ୍ତି।

**ବାଙ୍କୀ, ୧୩।୩(ସ୍ୱ.ପ୍ର.)**

ରାଜ୍ୟ ଭାଜପାର ଆହ୍ୱାନ କ୍ରମେ ବାଙ୍କୀ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅପରାହ୍ନରେ ମା'ଚର୍ଚ୍ଚିକାଙ୍କ ପୀଠରୁ ବିଜୟ ସଂକଳ୍ପ ରଥକୁ ପତାକା ହଲାଇ ଉଦ୍‌ଘାଟନ କରାଯାଇଥିଲା। ଏହି ରଥ ବାଙ୍କୀ ଏନଏସିର ୧୭ ୱାର୍ଡ ପରିକ୍ରମା କରି ବିଭିନ୍ନ ଜାଗାରେ ପଥପ୍ରାନ୍ତ ସଭା ଆୟୋଜନ କରିବ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ, ମହିଳା ଭାଜପା ନେତ୍ରୀ ପଦ୍ମଜା ଦେବତା, ଅଜୟ କୁମାର ସ୍ୱାଇଁ, ସୁବଳ ବେହେରା, କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟ, ବିସ୍ତାରକ ପ୍ରଭାସ ମଲ୍ଲିକ ଓ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ନାବାଳିକାଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

**ଚୌଦ୍ୱାର,୧୩।୩ (ଡି.ଏନ୍.ଏ)**

ଟିପିଏମ୍ ଫାଣ୍ଡି ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକକୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅନ୍ତର୍ଗତ କଖଡି ଗ୍ରାମର ପପୁ ବେହେରା। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ନାବାଳିକା ଜଣକ ପାଖ ଦୋକାନକୁ ସଉଦା ଆଣିବାକୁ ଯାଇଥିବାବେଳେ ପପୁ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ମାଆଙ୍କୁ ଜଣାଇଥିଲେ। ନାବାଳିକାଙ୍କ ମାଆ ଆସି ପପୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇଥିଲେ। ଏ ନେଇ ନାବାଳିକାଙ୍କ ମାଆ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଏ ନେଇ ଚୌଦ୍ୱାର ଥାନାରେ ଏକ ମାମଲା(ନଂ.୮୨/୧୯) ରୁଜୁ ହୋଇଛି।

## 'ନିଶା ନିବାରଣର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୧୩।୩**

ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମ ପକ୍ଷରୁ 'ନିଶାନିବାରଣର ଆବଶ୍ୟକତା' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଓ ଗ୍ରନ୍ଥକାର ଶୈଳଜ ରବି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସହସମ୍ପାଦିକା ଅପର୍ଣ୍ଣା ନାୟକ ଯୋଗ ଦେଇଥିଲେ। କ୍ଲବ ସମ୍ପାଦକ ଜ୍ଞାନେନ୍ଦ୍ର ବିଶ୍ୱାଳ ବିବରଣୀ ପାଠ ଓ ରୋଟାରୀଆନ ଦୀପକ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରୋଟାରୀଆନ ଗଣେଶ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ




ନିଶ୍ଚିନ୍ତକୋଇଲିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡିର ମହିଳା କର୍ମକର୍ତ୍ତା।

**ନିଶ୍ଚିନ୍ତକୋଇଲି/ ମାହାଙ୍ଗା, ୧୩।୩ (ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ବୁଧବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସ୍ୱରୂପା ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଙ୍ଘର ସଭାନେତ୍ରୀ କନକଲତା ଭୂୟାଁଙ୍କ ଅଧକ୍ଷତାରେ ନିଶ୍ଚିନ୍ତକୋଇଲି ବଜାରସ୍ଥିତ ଦେବୀକୃପା ମଣ୍ଡପରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବିଜେଡିର ରାଜ୍ୟ ମହିଳା ସଭାପତି ମିନତି ବେହେରା ଯୋଗଦେଇ ଘରେ ଘରେ ଶଙ୍ଖର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦଳର ମହିଳା କର୍ମକର୍ତ୍ତାମାନେ ସେମାନଙ୍କ ଗ୍ରାମରେ ଘର ଘର ବୁଲି ଶଙ୍ଖଚିହ୍ନ ପୋଷ୍ଟର ମାରିବା ସହ ଏକ ଫର୍ମ ମାଧ୍ୟମରେ ବିଜେଡି ପାଇଁ ଜନମତ ସଂଗ୍ରହ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ କଟକ ଜିଲା ପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ ଓ ସମ୍ମାନିତ ଅତିଥିଭାବେ କଟକ ଜିଲା ମହିଳା ବିଜେଡି ସଭାପତି ସୁଭଦ୍ରା ଦାସ, ବ୍ଲକ ଅଧକ୍ଷା ସବିତା ଓଝା, ସବିତା ମହାନ୍ତି, ଜିଲା ସବିତା ସାମଲ ଓ ଗୀତାଞ୍ଜଳି ପଣ୍ଡା, ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମାହାଙ୍ଗାସ୍ଥିତ ଦୁର୍ଗା ମନ୍ଦିର ପରିସରରେ 'ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ମହିଳା ବିଜେଡି ସଭାପତି ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମାହାଙ୍ଗା ମହିଳା ବିଜୁ ଜନତା ଦଳ ସଭାପତି ନର୍ମଦା ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ମହିଳା ବିଜେଡି ସଭାପତି ଦାଶ, କଟକ ଜିଲା ପରିଷଦ ଅଧକ୍ଷା ନାୟକ,ପୂର୍ବତନ ମେୟର ନିରୁପମା ହାତୀ ଓ ପୂର୍ବତନ ଡେପୁଟି ମେୟର ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

■ ହଜିଯାଉଛି ମେଲଣ ପରମ୍ପରା

# ମାଦକତା ହରାଉଛି ମୁନ୍‌ସୀ ମେଲଣ

**ସାଲେପୁର,୧୩।୩ (ଡି.ଏନ୍.ଏ.)**



ରାଧାକୃଷ୍ଣଙ୍କ ପ୍ରତିମାକୁ ବିମାନରେ ନିଆଯାଉଛି।

- ୧୯୨୬ରୁ ମୁନସୀ ମେଲଣ କରାଯାଉଛି
- ପାରମ୍ପରିକ କଳା ପ୍ରଦର୍ଶନ ହେଉନାହିଁ

ଆଧୁନିକତାକୁ ଆପଣାଇବାକୁ ଯାଇ ଧୀରେ ଧୀରେ ଲୋକେ ପୁରାତନ ପରମ୍ପରାକୁ ଭୁଲିଯିବାକୁ ବସିଲେଣି। ଦିନେ ଯେଉଁ ମେଲଣ ଗାଁ ଗାଁରେ ଭାଇଚାରା ସୃଷ୍ଟି କରୁଥିଲା,ଏବେ ତାହା ହଜିଯିବାକୁ ବସିଲାଗଣି। ପୂର୍ବେ ଦୋଳଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମେଲଣ ସମୟରେ ଲୋକେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ ବିମାନରେ ବସାଇ ଗାଁ ଗାଁ ବୁଲି ଭୋଗ ଖୁଆଉଥିଲେ। ଏବେ ଯଦିଓ ଗାଁ ଗାଁକୁ ଠାକୁରଙ୍କ ବିମାନ ଯାଉଛି କିନ୍ତୁ ପୂର୍ବଭଳି ବାଜା ସଂକୀର୍ତ୍ତନ ମଣ୍ଡଳୀ ଦେଖିବାକୁ ମିଳୁନାହିଁ। ଦୋଳରେ ଆଉ ଆଗଭଳି ଆଗ୍ରହ ପରିଲକ୍ଷିତ ହେଉନାହିଁ। ଏପରିକି ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଐତିହାସିକ ମୁନ୍‌ସୀ ମେଲଣରେ ଆଉ ସେଭଳି ଜନଗହଳି ଅବା ଜାକଜମକ ଦେଖିବାକୁ ମିଳୁନାହିଁ।

ସାଲେପୁର ମୁନ୍‌ସୀ ମେଲଣ ପାଳନ ସମ୍ପର୍କରେ ମୁନସୀ ମେଲଣ କମିଟିର କର୍ମକର୍ତ୍ତା ତଥା କୃଷ୍ଣଚନ୍ଦ୍ର ଜେନା କୁହନ୍ତି, ୧୯୨୬ରୁ ସାଲେପୁର ମୁନ୍‌ସୀ ମେଲଣ ପାଳନ କରାଯାଉଛି। ଏହି ମେଲଣର ଐତିହାସିକ ତଥ୍ୟ ସମ୍ପର୍କରେ ସେ କହିଥିଲେ ଯେ, ବ୍ରିଟିଶ୍ ସରକାର ଅମଳରେ ସାଲେପୁର ଥାନା ଦାୟିତ୍ୱରେ ମୁନ୍‌ସୀ ସୀତାକାନ୍ତ ପଟ୍ଟନାୟକ ଥିଲେ। ତାଙ୍କର କୌଣସି ସନ୍ତାନ ନଥିବାରୁ ସେ ଦୁଃଖରେ ଥିଲେ। ଦୋଳ ପୂର୍ଣ୍ଣିମୀ ଦିନ ଏକ ମାମଲାର ତଦାରଖ କରିବା ପାଇଁ ସେ ଏହି ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମଦେଇ ଯାଉଥିଲେ। ସେଠାରେ ଦାଣ୍ଡରେ ମେଲଣ ହେଉଥିବା ଦେଖି କିଛି ସମୟ ପାଇଁ ଅଟକିଯାଇଥିଲେ। ନିକଟସ୍ଥ ଲକ୍ଷ୍ମୀନୃସିଂହ ମନ୍ଦିରର ତତ୍ତ୍ୱାବଧାରକ ଗୋଲକ ଚନ୍ଦ୍ର ନନ୍ଦ, ବ୍ରଜସୁନ୍ଦର ଦାଶ ଓ ଦୈତାରୀ ମଲ୍ଲ ପ୍ରମୁଖ ଏହା ଦେଖି ସାଲେପୁର ଥାନାର ମୁନ୍‌ସୀଙ୍କୁ ଯାତ୍ରା ଦେଖିବାକୁ ଅନୁରୋଧ କରିଥିଲେ। ଏଠାରେ ମାନସିକ କଲେ ଇଚ୍ଛା ପୂରଣ ହୁଏ ବୋଲି ଗୋଲକ ଚନ୍ଦ୍ର କହିଥିଲେ। ଏହାପରେ ମୁନ୍‌ସୀ ପୁତ୍ର ସନ୍ତାନ ପାଇଁ ଲକ୍ଷ୍ମୀନୃସିଂହଙ୍କ ନିକଟରେ ପ୍ରାର୍ଥନା କରି ଫେରିଯାଇଥିଲେ। ଏହାର ବର୍ଷ ପରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତହୋଇଥିଲା। ଏହି ପୁତ୍ରର ନାମ ସେ ଲକ୍ଷ୍ମୀନୃସିଂହ ପଟ୍ଟନାୟକ ଦେଇଥିଲେ। ପୁଅର ଏକୋଇଶା ଉତ୍ସବରେ ଥାନାରେ ଉପସ୍ଥିତ ଥିବା ବହୁ ବ୍ୟକ୍ତି ନୃସିଂହଙ୍କ କୃପାରୁ ସନ୍ତାନ ଜାତ ହୋଇଥିବାରୁ ଥାନା ତରଫରୁ ଏକ ମେଲଣ କରି ଠାକୁରଙ୍କୁ ଯାତ୍ରାରେ ଭାଗନେବାକୁ ନିବେଦନ କରିଥିଲେ। ଏଥିରେ ମୁନ୍‌ସୀ ରାଜି ହୋଇଯାଇଥିଲେ। ସେହିଦିନ ଠାରୁ ଥାନା ତରଫରୁ ଏଠାରେ ମୁନ୍‌ସୀ ମେଲଣ ପାଳନ କରାଯାଉଛି। ପୂର୍ବେ ଏହି ମେଲଣରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିମାନ ଭାଗନେଉଥିଲେ। ଏହି ଯାତ୍ରା ୩ ଦିନ ଧରି ଲାଗିରହୁଥିଲା। ଏହି ଯାତ୍ରାରେ ବାଜା, ବାଣ, ଷଣ୍ଢ, ସଖୀ, ଘୋଡ଼ାନାଚ ଠାରୁ ଆରମ୍ଭ କରି ବିଭିନ୍ନ ପାରମ୍ପାରିକ କଳା ପ୍ରଦର୍ଶନ କରାଯାଉଥିଲା। ମାତ୍ର ଏବେ ଏହି ମେଲଣ ଏସବୁ ଦେଖିବାକୁ ମିଳୁନାହିଁ। ଯଦିଓ ପରମ୍ପରା ବଞ୍ଚାଇ ରଖିବା ପାଇଁ ଏଠାରେ ମୁନ୍‌ସୀ ମେଲଣ ପାଳନ କରାଯାଉଛି, କିନ୍ତୁ ମେଲଣରେ ଆଉ ପୂର୍ବଭଳି ଉତ୍ସାହ ନାହିଁ। ସେହିପରି ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଚାଟେଶ୍ୱରଙ୍କ ପୀଠରେ ପାଳିତ ହେଉଥିବା ଚାଟେଶ୍ୱର ମେଲଣ ଆଉ ଆଗଭଳି ପାଳିତ ହେଉନାହିଁ। ପୂର୍ବଭଳି ଏଠାରେ ଜାକଜମକ ଦେଖିବାକୁ ମିଳୁନାହିଁ। ସେହିପରି ପୁରୁଷୋତ୍ତମପୁର ଦାଣ୍ଡ ମେଲଣ, ଲୁଣାହାର ଗ୍ରାମର ମଲ୍ଲଘର ମେଲଣ, ମନୋହରପୁର ମଙ୍ଗଳାପଡ଼ିଆ ମେଲଣ, ରାଘବପୁରର ସାମନ୍ତରାଘର ମେଲଣ, ଛାଣିପୁର ବାଇଗଣପଡ଼ିଆ ମେଲଣ, ରାମେଶ୍ୱର ହନୁମଞ୍ଜେଶ୍ୱର ମେଲଣ, କୁଳିଆ ମେଲଣରେ ମଧ୍ୟ ଆଗଭଳି ଲୋକଙ୍କର ସମାଗମ ହେଉନାହିଁ। ଏହି ପରମ୍ପରାକୁ ବଞ୍ଚାଇ ରଖିବା ନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ମାର୍ଚ୍ଚ, ୨୦୧୯



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଗିରଫ

**କଟକ ସଦର, ୧୩।୩(ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଞ୍ଚଳର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ବସନ୍ତକୁଣ୍ଡଳ ଗ୍ରାମର ପର୍ଶୁ ସାମଲ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୧୦୯/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୧ ତାରିଖରେ ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିବାରୁ ସେ ଚିତ୍କାର କରିଥିଲେ। ଏହି ଚିତ୍କାର ଶୁଣି ପଡୋଶୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ୧୧୦ ଦଫାରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୩।୩:** ଆଇପିସି ଦଫା ୧୧୦ରେ ଜଣେ ଅଭିଯୁକ୍ତଙ୍କୁ ମାଲଗୋଦାମ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ଚତୁର୍ଭୁଜ ଦାସ ଓରଫ୍ ବୁଢ଼ା(୫୦)। ପୋଲିସ ସୂଚନା ଅନୁଯାୟୀ, ବୁଢ଼ାଙ୍କ ବିରୋଧରେ ମାଲଗୋଦାମ ଥାନାରେ ବହୁ ଆପରାଧିକ ମାମଲା ରହିଥିବାବେଳେ ସେଥିମଧ୍ୟରୁ କେତେକ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଏପରି କି ତାଙ୍କ ବିରୋଧରେ କୋର୍ଟର ଏନ୍‌ବିଡବ୍ଲ୍ୟୁ ରହିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

### ଭାଜପାର ବିଜୟ ସଂକଳ୍ପ ଯାତ୍ରା

**କଟକ ଅଫିସ, ୧୩।୩:** କଟକ ମହାନଗର ନିଗମର ୱାର୍ଡ ନଂ. ୨୮ ଓ ୩୦ର ଭାଜପା କର୍ମୀମାନଙ୍କ ପକ୍ଷରୁ ବୁଧବାର ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ନିକଟରୁ 'ବିଜୟ ସଂକଳ୍ପ ଯାତ୍ରା' ଆୟୋଜିତ ହୋଇଥିଲା। ଭାଜପା ନେତା ବିଶ୍ୱଜିତ୍ ମହାନ୍ତିଙ୍କ ନେତୃତ୍ୱରେ ଏହି ପଦଯାତ୍ରା ୨୮ ଓ ୩୦ ନମ୍ବର ୱାର୍ଡର ସମସ୍ତ ସାହି ବସ୍ତି ପରିକ୍ରମା କରିଥିଲା। ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଲୋକେ ସେମାନଙ୍କୁ ଅଭିଯୋଗ କରୁଥିବା ଦେଖାଯାଇଥିଲା।

### ଗୋଶାଳାରେ ରାମକଥା

**କଟକ ଅଫିସ,୧୩।୩:** ନୟାବଜାର ସ୍ଥିତ ଶ୍ରୀଗୋପାଳକୃଷ୍ଣ ଗୋଶାଳା ପକ୍ଷରୁ ଗୋଶାଳା ପରିସରରେ ସ୍ୱତନ୍ତ୍ର ପୂଜା କାର୍ଯ୍ୟକ୍ରମ ଜାରି ରହିଛି। ପ୍ରବକ୍ତା ଭାବେ ଯୋଗ ଦେଇଥିବା ସନ୍ଥ ଶ୍ରୀ ମୁରଲୀଧର ଜୀ ମହାରାଜ ବୁଧବାର ରାମଙ୍କ ଜୀବନ ଓ ଆଦର୍ଶକୁ ନେଇ ରାମକଥା କହିଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୋଟ୍ ୧ ଲକ୍ଷ ୨୫ ହଜାର ପାର୍ଥିବ ଶିବଲିଙ୍ଗ ତିଆରି କରାଯାଇ ପୂଜା କରାଯିବ। ଅଦ୍ୟାବଧି ୫୦ହଜାରରୁ ଊର୍ଦ୍ଧ୍ୱ ଶିବଲିଙ୍ଗ ତିଆରି ସରିଲାଣି। ଶିବଲିଙ୍ଗ ନିର୍ମାଣ ନିମନ୍ତେ ୬୦ଟି ପରିବାର ନାମପଞ୍ଜୀକରଣ କରିଛନ୍ତି। ପ୍ରତିଦିନ ସକାଳ ୭ଟାରୁ ୧୦ ପର୍ଯ୍ୟନ୍ତ ପାର୍ଥିବ ଶିବଲିଙ୍ଗ ନିର୍ମାଣ କରାଯାଇ ଏହାକୁ ରୁଦ୍ରାଭିଷେକ କରାଯାଉଛି। ଗଣେଶ ପ୍ରସାଦ କାଣ୍ଡୋଇ, ଅରୁଣ କୁମାର ଦାଶ, ସୁରେଶ ପୋଦ୍ଦାର, ବିମଳ ପର୍ଶୁରାମ ପୁରିଆ, ଅଶୋକ ଅଗ୍ରୱାଲ, ହରି ପୋଦ୍ଦାର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଏସ୍‌ସିବିରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ ଅଫିସ, ୧୩।୩**




**ଚିକିତ୍ସା ଅବହେଳା ଅଭିଯୋଗ**
- ପୋଲିସର ତଦନ୍ତ ଆରମ୍ଭ
- ଦୀର୍ଘ ସମୟ ପର୍ଯ୍ୟନ୍ତ ଆସିଲେନି ଡାକ୍ତର

ରୋଗୀ ମୃତ୍ୟୁକୁ ନେଇ ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ୱାର୍ଡରେ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକ ୱାର୍ଡ ସମ୍ମୁଖରେ ହୋ ହଲ୍ଲା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏ ନେଇ ରୋଗୀଙ୍କ ପରିବାର ଲୋକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୁରୀ ଜିଲା ଭଗତପଡ଼ା ଅଞ୍ଚଳର ପ୍ରଦୀପ ମଲ୍ଲିକଙ୍କ ପେଟରେ ଗ୍ୟାଷ୍ଟିକ୍ ହୋଇଥିଲା। ଫଳରେ ତାଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଗତ ସୋମବାର ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ହସ୍ପିଟାଲର ହୃଦ୍‌ରୋଗ ୱାର୍ଡରେ ଆଡ୍‌ମିଟ୍ କରାଯାଇଥିଲା। ପ୍ରଦୀପଙ୍କ ଭଉଣୀ ସୁଲୋଚନାଙ୍କ ଅଭିଯୋଗ ଅନୁଯାୟୀ, ଆଡମିଶନ ପରେ ଡାକ୍ତର ପ୍ରଦୀପଙ୍କର କିଡ୍‌ନୀ ରୋଗ ଥିବା କହିଥିଲେ ଏବଂ ଚିକିତ୍ସା କଲେ ରୋଗ ଭଲ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବୁଧବାର ସନ୍ଧ୍ୟାରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏହାଦେଖି ତାଙ୍କ ପରିବାର ଲୋକେ ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡାକ୍ତର ଆସି ନ ଥିଲେ। ଫଳରେ ରୋଗୀ ଜଣଙ୍କ ଦୀର୍ଘ ସମୟ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ସୁଲୋଚନା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳାବାଗ ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ହୋଇନି। ଯଦି ଅଭିଯୋଗ ଆସେ ତେବେ ତାହା ଉପରେ ତଦନ୍ତ କରାଯିବ।


କଟକ ତୁଳସୀପୁରସ୍ଥିତ ଡିଅରପାର୍କରେ ହରିଣମାନେ ଖରାରୁ ରକ୍ଷା ପାଇବା ପାଇଁ ଗଛ ଛାଇରେ ଆଶ୍ରୟ ନେଇଛନ୍ତି।

## ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

**ନରାଜ/କଟକ ଅଫିସ, ୧୩।୩**

ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ତ୍ରିବିଗ୍ରହ (ବାବା ଆଖଣ୍ଡଳମଣୀ, ପଞ୍ଚମୁଖୀ ହନୁମାନ ଓ ଶନିଦେବ)ଙ୍କ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ ଦିନ ବ୍ୟାପୀ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହସ୍ନାନ, ବିଗ୍ରହ ନ୍ୟାସ ପୂର୍ଣ୍ଣାହୁତି ଓ ଭଜନକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ଶେଷଦେବ ଷଡ଼ଙ୍ଗୀ ଓ ସାଥି ମନ୍ତ୍ରପାଠ କରି ବିଗ୍ରହ ପ୍ରତିଷ୍ଠା କରାଇଥିଲେ।

## ବାଦାମବାଡ଼ି ଥାନା ସ୍ଥାନାନ୍ତର ପାଇଁ ଦାବିପତ୍ର


ଡିସିପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ପ୍ରତିନିଧିମାନେ।

**କଟକ ଅଫିସ, ୧୩।୩**

କଟକରେ ଥିବା ବାଦାମବାଡି ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅନ୍ତର୍ଜାତୀୟ ମାନବ ଅଧିକାର କାଉନ୍‌ସିଲ, ଓଡ଼ିଶା ସମାଜସେବୀ ମହାସଂଘ ଓ ଓଡ଼ିଶା ନାରୀ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସେମାନେ ଡିଜିପିଙ୍କ ଉଦ୍ଦେଶ୍ୟରେ ବୁଧବାର ଡିସିପିଙ୍କ କାର୍ଯ୍ୟାଳୟରେ ଡିସିପି ଅଖିଳେଶ୍ୱର ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବାଦାମବାଡି ଥାନାରେ ପର୍ଯ୍ୟାପ୍ତ ପରିସୀମା ଅଭାବରୁ ଜବତ ହୋଇଥିବା ଗାଡ଼ି ରଖିବାରେ ଅସୁବିଧା ହେଉଛି। ତେଣୁ ଏହି ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପୂର୍ବରୁ ଦାବି ହୋଇଆସୁଥିଲା। ଓଡ଼ିଶା ପୋଲିସ ଓ ସରକାରୀ ସ୍ତରରେ ଥାନାର ସ୍ଥାନାନ୍ତରୀକରଣ କରିବା ପାଇଁ ମଞ୍ଜୁରୀ ମିଳିଥିଲା। ହେଲେ ଏହି ମଞ୍ଜୁରୀ ମିଳିବାର ପ୍ରାୟ ୨ ବର୍ଷ ବିତିଗଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସ୍ଥାନାନ୍ତର ହୋଇପାରୁନି। ଏଡାଛଡା ଜବତ ଗାଡ଼ିଗୁଡ଼ିକ ଥାନା କଡରେ ରହିବା ଯୋଗୁ ତାହା ସମସ୍ୟାକୁ ଅଧିକ ବଢାଇ ଦେଉଛି। ଥାନା ଯୋଗୁ ଟ୍ରାଫିକ ସମସ୍ୟା ମଧ୍ୟ ବଢ଼ିବାରେ ଲାଗୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଥାନାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ତର୍ଜାତୀୟ ମାନବ ଅଧିକାର କାଉନ୍‌ସିଲର ଅଧ୍ୟକ୍ଷା ସସ୍ମିତା ଦାସଙ୍କ ନେତୃତ୍ୱରେ ପ୍ରତିନିଧିମାନେ ଡିସିପିଙ୍କୁ ଦାବିପତ୍ର ଦେଇଥିଲେ।

# ନିର୍ବାଚନ ପାଇଁ ଯାଦବ ସମୁଦାୟକୁ ଢାଲ କରା ନ ଯାଉ

**କଟକ ଅଫିସ, ୧୩।୩**

ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କୁ ପ୍ରଭାବିତ କରିବା ସହ ମୂଲଚାଲ କରି କେବଳ ନିଜର ସ୍ୱାର୍ଥ ଓ ଆଧିପତ୍ୟ ବଢାଇବାକୁ ଉତ୍କଳ ଯାଦବ ମହାସଭାର କର୍ମକର୍ତ୍ତାମାନେ ଚେଷ୍ଟା କରନ୍ତି। କର୍ମକର୍ତ୍ତାମାନେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପାଖରେ ଯାଦବ ସମୁଦାୟକୁ ନିଲାମ କରିବାର ଚକ୍ରାନ୍ତ ଆଜି ଯାଦବ ସମୁଦାୟକୁ ଖଣ୍ଡ ବିଖଣ୍ଡିତ କରୁଛି। ଏ କଥା ଏବେ ସଚେତନଶୀଳ ଯାଦବମାନଙ୍କ ସମେତ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାଦବ ସମୁଦାୟ କୌଣସି ରାଜନୈତିକ ଦଳ ନୁହେଁ। ତେଣୁ ଯେଉଁମାନେ ରାଜନୀତି କରିବାକୁ ଚାହୁଁଛନ୍ତି ସେମାନେ ନିଜର ଏକ ରାଜନୈତିକ ଦଳ ଗଠନ କରି ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ସହିତ ମୂଲଚାଲ କରି ପ୍ରାର୍ଥୀ ହୁଅନ୍ତୁ ଓ ପ୍ରାର୍ଥୀ ଦିଅନ୍ତୁ ସେଥିରେ କାହାର କୌଣସି ଆପତ୍ତି ରହିବ ନାହିଁ। କିନ୍ତୁ ଯାଦବ ସମୁଦାୟକୁ ଢାଲ କରି ନିର୍ବାଚନ ଲଢିବାକୁ ଯାଦବ ସମୁଦାୟ ଆଦୌ ବରଦାସ୍ତ କରିବ ନାହିଁ ବୋଲି ବୁଧବାର କଟକ ୧୨ ଦେଶ ଯାଦବ ସମିତି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

କେତେଜଣ କର୍ମକର୍ତ୍ତା ଯାଦବମାନଙ୍କୁ ଏକାଠି କରି ବିକାଶ ଓ ସଙ୍ଗଠନ କଥା କହି ଭୋଜି ଖୁଆଇ ସେମାନଙ୍କ ସହିତ ଛଳନା କରି କିଭଳି ସୁବିଧାବାଦୀ ରାଜନୀତି କରୁଛନ୍ତି, ତାହା ଓଡ଼ିଶାର ସଚେତନଶୀଳ ଯାଦବମାନଙ୍କ ଆଖିରେ ଆଜି ଧରାପଡ଼ିଗଲାଣି। ଏକତା, ଭାଇଚାରା ଓ ପରମ୍ପରାଗତ ବ୍ୟବସ୍ଥାକୁ ଆଧାର କରି ଯାଦବ ସମାଜର ପୂର୍ବ ସୂରୀମାନଙ୍କ ପ୍ରଚେଷ୍ଟାରେ ଯେଉଁ ଉତ୍କଳ ଯାଦବ ମହାସଭା ଗଠନ କରାଯାଇଥିଲା ତାହା ଆଜି କେବଳ ଚକ୍ରାନ୍ତକାରୀ ତଥା ମହାସୁବିଧାବାଦୀମାନଙ୍କ କବଳରେ କବଳିତ। ଏ କଥାକୁ ବର୍ତ୍ତମାନ କଟକ ମାଟିରୁ ଆରମ୍ଭ କରି ପର୍ଯ୍ୟାୟକ୍ରମେ ଓଡ଼ିଶାର କୋଣ ଅନୁକୋଣରେ ବ୍ୟାପକ କରାଯିବା ସଙ୍ଗେ ସଙ୍ଗେ କଳୁଷିତ ରାଜନୈତିକ ବ୍ୟବସ୍ଥାରୁ ଯାଦବ ସମୁଦାୟକୁ ଦୂରେଇ ରହିବା ନିମନ୍ତେ କଟକ ୧୨ ଦେଶ ଯାଦବ ସମିତି ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି।

## 'ନିଶାନିବାରଣର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୧୩।୩**

ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମ ପକ୍ଷରୁ 'ନିଶାନିବାରଣର ଆବଶ୍ୟକତା' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଓ ସ୍ତମ୍ଭକାର ଶୈଳଜ ରବି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସହସମ୍ପାଦିକା ଅପର୍ଣ୍ଣା ନାୟକ କହିଥିଲେ, ସରକାର ନିଶାନିବାରଣ ଦିଗରେ ପଦକ୍ଷେପ ନ ନେଇ ନିଶାର ପ୍ରସାର ପାଇଁ କାର୍ଯ୍ୟ କରୁଥିବାରୁ ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଓଡ଼ିଶା ନିଶାନିବାରଣ ଆଇନ, ୧୯୫୬କୁ କାର୍ଯ୍ୟକାରୀ କରିବା ପାଇଁ ସେ ଦାବି କରିଥିଲେ। କ୍ଲବ ସମ୍ପାଦକ ଜ୍ଞାନେନ୍ଦ୍ର ବିଶ୍ୱାଳ ବିବରଣୀ ପାଠ ଓ ରୋଟାରୀଆନ ଦୀପକ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଡା. କୈଳାସ ଚନ୍ଦ୍ର ସାହୁ, ଡା. ନୀରଦ କୁମାର ଗୋଚ୍ଛାୟତ, ଜଗନ୍ନାଥ ଦାସ, ଆଡଭୋକେଟ ବିଷ୍ଣୁଚରଣ ମହାପାତ୍ର, ବିଜୟ ଆଚାର୍ଯ୍ୟ, ଅଧ୍ୟାପକ ପ୍ରଭାତ ରଞ୍ଜନ ପରିଡ଼ା, ସରୋଜକାନ୍ତ ପାଇଟାଳ, ସରୋଜ କୁମାର ସାହୁ, ପ୍ରକାଶ କୁମାର ନାୟକ ପ୍ରମୁଖ ଭାଗନେଇଥିଲେ। ରୋଟାରୀଆନ ଗଣେଶ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

**ଚୌଦ୍ୱାର,୧୩।୩ (ଡି.ଏନ୍.ଏ)**

ଟିପିଏମ୍ ଫାଣ୍ଡି ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅନ୍ତର୍ଗତ କଖଡି ଗ୍ରାମର ପପୁ ବେହେରା। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ନାବାଳିକା ଜଣକ ପାଖ ଦୋକାନକୁ ସଉଦା ଆଣିବାକୁ ଯାଇଥିବାବେଳେ ପପୁ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ମାଆଙ୍କୁ ଜଣାଇଥିଲେ। ନାବାଳିକାଙ୍କ ମାଆ ଆସି ପପୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇଥିଲେ। ଏ ନେଇ ନାବାଳିକାଙ୍କ ମାଆ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଏ ନେଇ ଚୌଦ୍ୱାର ଥାନାରେ ଏକ ମାମଲା(ନଂ.୮୨/୧୯) ରୁଜୁ ହୋଇଛି।

## ଡ୍ରିମ୍‌ସରେ ୧୩୨ ୟୁନିଟ୍ ରକ୍ତ ସଂଗୃହିତ



**କଟକ ଅଫିସ, ୧୩।୩**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହରେ ତୃତୀୟ ପର୍ଯ୍ୟାୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ସହଯୋଗରେ ଆୟୋଜିତ ଶିବିରରେ ବି.ଟେକ୍ (ସ୍ୱୟଂଶାସିତ) ଛାତ୍ରୀଛାତ୍ର ଓ ଅଧ୍ୟାପକ, ଅଧ୍ୟାପିକା ରକ୍ତଦାନ ଅଭିଯାନରେ ସାମିଲ ହୋଇଥିଲେ। ସାମାଜିକ କର୍ମୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଶିବିର ଉଦ୍‌ଘାଟନ କରି 'ମାନବ ସେବା ହିଁ ମାଧବ ସେବା'ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟଅତିଥି 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସମ୍ମାନିତ ଅତିଥି କଣ୍ଠଶିଳ୍ପୀ ତପୁ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ଯୋଗଦେଇଥିଲେ। ଶିବିରରେ ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଉପାଧ୍ୟକ୍ଷ ବିପିନ ବିହାରୀ ମହାନ୍ତି ଉପସ୍ଥିତ ଥିଲେ। ଡିନ୍ (ଛାତ୍ର କଲ୍ୟାଣ) ଡ. ନିରଞ୍ଜନ ପଣ୍ଡା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଶିବିର ପରିଚାଳନା କରିଥିଲେ।

# ପ୍ରଫେସର ଦାଶରଥି ଦାସ ପାଇବେ ସତ୍ୟବାଦୀ ସାରସ୍ୱତ ସମ୍ମାନ

**କଟକ ଅଫିସ, ୧୩।୩**

'ସତ୍ୟବାଦୀ ସାରସ୍ୱତ ସମ୍ମାନ' ୨୦୧୯ ବର୍ଷ ପାଇଁ ବର୍ଷିଆନ ସାହିତ୍ୟିକ, ପ୍ରାବନ୍ଧିକ, ସମାଲୋଚକ, ଶିକ୍ଷାବିତ୍ ପ୍ରଫେସର ଦାଶରଥି ଦାସଙ୍କୁ ପ୍ରଦାନ କରାଯିବ। ସେହିପରି ୨୦୧୯ ବର୍ଷର 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ୨୦୧୮–୧୯ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ରେ ପ୍ରକାଶିତ ଲେଖାକୁ ବିଚାରକୁ ନିଆଯାଇ ପ୍ରବନ୍ଧରେ ଅନ୍ତର୍ଯାମୀ ମିଶ୍ର, କବିତାରେ ସୁଚେତା ମିଶ୍ର, ଗଳ୍ପରେ ରମେଶ ଚନ୍ଦ୍ର ସାହୁ, ଶିଶୁ ସାହିତ୍ୟରେ ନଟବର ସାହୁ ଏବଂ ହରମୋହନ ମହାନ୍ତିଙ୍କୁ ପ୍ରଦାନ କରାଯିବ। ୧୯୩୬ ମସିହାରେ ଜନ୍ମିତ ପ୍ରଫେସର ଦାସଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ବିଚାରକମଣ୍ଡଳୀଙ୍କୁ ପ୍ରଭାବିତ କରିଥିଲା। ପ୍ରଫେସର ଦାସ ତାଙ୍କର ବହୁଚର୍ଚ୍ଚିତ 'ବିଦଗ୍ଧ ମାନସ' ପୁସ୍ତକ ପାଇଁ ୨୦୦୭ରେ ସାରଳା ପୁରସ୍କାର ଲାଭ କରିଥିଲାବେଳେ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି। ୧୯୭୩ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'କାବ୍ୟ ସମ୍ବାଦ' ପାଇଁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରଫେସର ଦାସ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, ବିଷୁବ ପୁରସ୍କାର, ଶାରଳା ସମ୍ମାନ ସମେତ ଓଡ଼ିଶାର କେତେକ ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ଏକ ଲକ୍ଷ ଟଙ୍କାର ପୁରସ୍କାର ସାହିତ୍ୟ ଉପାୟନ ଏବଂ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତ୍ୟେକ ସାହିତ୍ୟିକଙ୍କୁ ଦଶ ହଜାର ଟଙ୍କା ଓ ଉପାୟନ ପ୍ରଦାନ କରାଯିବ। ଆସନ୍ତା ୩୧ ତାରିଖରେ କଟକ ସାରଳା ଭବନରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ତୃତୀୟ ବାର୍ଷିକ ସମାରୋହ ଅବସରରେ ଏହି କୃତୀ ସାହିତ୍ୟିକମାନଙ୍କୁ ସମ୍ମାନିତ କରାଯିବ ବୋଲି ଜଣାପଡିଛି।

# କ୍ୟାନ୍‌ସର ଉପଶମ ପାଇଁ ବିଜ୍ଞାନ ଅଗ୍ରସର ହେଉଛି

**କଟକ ଅଫିସ,୧୩।୩**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମସ୍ଥିତ ଆନେକ୍ସ–୧ ଠାରେ ବୁଧବାର ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ଶିକ୍ଷାନୁଷ୍ଠାନର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ହେଉଥିବା ଏହି ଆଲୋଚନାଚକ୍ରର ମୁଖ୍ୟଅତିଥି ଥିଲେ ପ୍ରଫେସର ପି.ଏନ୍. ରଙ୍ଗରାଜନ। ମେଡ଼ିକାଲ ସାଇନ୍ସ କ୍ଷେତ୍ରରେ ପ୍ରଫେସର ରଙ୍ଗରାଜନ ମର୍ଯ୍ୟାଦାଜନକ ଶାନ୍ତି ସ୍ୱରୂପ ଭଟ୍ଟନାଗର ଉପାଧି ପାଇଛନ୍ତି। ଏହି ଅବସରରେ ରଙ୍ଗରାଜନ କହିଥିଲେ, ବିଜ୍ଞାନର ଉପକାରିତା ଘରେ ଘରେ ପହଞ୍ଚିବା ଦରକାର। ତୃଣମୂଳସ୍ତର ପର୍ଯ୍ୟନ୍ତ ବିଜ୍ଞାନ ପହଞ୍ଚିବା ଉଚିତ୍। ସାଧାରଣ ଲୋକଙ୍କ ନିତିଦିନିଆ ଜୀବନରେ ଯଦି ବିଜ୍ଞାନ ପ୍ରଭାବ ପକାଇ ପାରିବ ତାହାଲେ ବୈଜ୍ଞାନିକମାନେ ସଫଳ ହେବେ। ଆଗାମୀ ଦିନରେ କ୍ୟାନ୍‌ସର ଭଳି ଭୟାନକ ରୋଗର ଉପଶମ ପାଇଁ ବିଜ୍ଞାନ ଅଗ୍ରସର ହେଉଛି ବୋଲି ସେ ମତ ଦେଇଥିଲେ। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଡ. ନେତାଜୀ ଅଭିନନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଦେଶର ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ନେଇ ରେଭେନ୍‌ଶାରେ ସ୍ୱତନ୍ତ୍ର ଆଲୋଚନଚକ୍ର ଜାରି ରହିବ ବୋଲି ଏହି ଅବସରରେ ଘୋଷଣା ହୋଇଥିଲା। ପ୍ରଫେସର ପଦନ କୁମାର ଜେନା ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ପ୍ରଫେସର ପି.ଏନ୍. ରଙ୍ଗରାଜନ ବକ୍ତବ୍ୟ ଦେଉଛନ୍ତି।

■ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ପ୍ରଶାସନର ବୈଠକ

# କଡ଼ାକଡ଼ି ପାଳନ ହେବ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ

**କଟକ ଅଫିସ, ୧୩।୩**

ଜିଲାରେ ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ ଅବାଧ କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ବାଚନ ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ, ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ ପ୍ରଣୀତ ନିର୍ଦ୍ଦେଶାବଳୀ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବା ସହିତ ଏହାର କଡ଼ାକଡ଼ି ପାଳନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ପ୍ରକ୍ରିୟା ଅବସରରେ ଇଭିଏମ୍–ଭିଭିପିଏଟି ମେଶିନ ବ୍ୟବହାରକୁ ନେଇ ଯେପରି କାହାରି କୌଣସି ପ୍ରକାର ସନ୍ଦେହ ନ ରୁହେ ସେଥିପାଇଁ ଇଭିଏମ୍–ଭିଭିପିଏଟି ମେଶିନ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଏବଂ ଷ୍ଟ୍ରଙ୍ଗ ରୁମ୍‌କୁ ନେବା ପୂର୍ବରୁ ରାଜନୈତିକ ଦଳର ପ୍ରତିନିଧି ଏହାକୁ ଯାଞ୍ଚ କରିପାରିବେ ବୋଲି ଜିଲାପାଳ କହିଥିଲେ। ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନ ପ୍ରଚାର ପାଇଁ ବ୍ୟବହୃତ ହୋର୍ଡିଂ ଓ ଅନ୍ୟ ପ୍ରଚାର ସାମଗ୍ରୀ ବ୍ୟବହାର ପାଇଁ ବିଧିବଦ୍ଧ ଅନୁମତି ନେବା, ଏକକାଳୀନ ୫୦ହଜାର ଟଙ୍କାରୁ ଅଧିକ ଅର୍ଥ ସଙ୍ଗରେ ନ ନେବା ସମ୍ପର୍କରେ ଜିଲାପାଳ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, କଟକ ଲୋକ ସଭା ଆସନ ଅନ୍ତର୍ଗତ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ–କଟକ, ଚୌଦ୍ୱାର–କଟକ, କଟକ ସଦର ଏବଂ ନୟାଗଡ଼ ଜିଲା ଅନ୍ତର୍ଗତ ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ ଆସନ୍ତା ଏପ୍ରିଲ ୨୩ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ମାର୍ଚ୍ଚ ୨୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ଏପ୍ରିଲ ୪ ତାରିଖରେ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହେଉଥିବାବେଳେ ଏପ୍ରିଲ ୫ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଏପ୍ରିଲ ୮ ତାରିଖକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳି ବିଧାନସଭା ଏବଂ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲେପୁର ଓ ମାହାଙ୍ଗା ବିଧାନସଭା ଆସନ ପାଇଁ ମତଦାନ କାର୍ଯ୍ୟକ୍ରମ ଆଗାମୀ ଏପ୍ରିଲ ୨୯ ତାରିଖରେ ଅନୁଷ୍ଠିତ ହେବ। ଏପ୍ରିଲ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ଏପ୍ରିଲ ୯ ତାରିଖରେ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହେଉଥିବାବେଳେ ଏପ୍ରିଲ ୧୦ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଏପ୍ରିଲ ୧୨ ତାରିଖକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଜିଲା କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଡେପୁଟି କଲେକ୍ଟର ରଞ୍ଜିତା ସାହୁ ଓ ସହକାରୀ ଜିଲାପାଳ ପ୍ରିୟଙ୍କା ମଲ୍ଲିକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



"ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
- ଫ୍ରାନସିସ ବେକନ



## ସଂକ୍ଷେପରେ

### ବିଶ୍ୱଶାନ୍ତି ପାଇଁ ଧର୍ମ ମହାସଭା

**ଖୋର୍ଦ୍ଧା ଅଫିସ,୧୩।୩:** ବିଶ୍ୱଶାନ୍ତି ପାଇଁ ବାଘମାରୀ ନିକଟସ୍ଥ ପଙ୍ଗାରସିଂ ଗ୍ରାମରେ ଅହମ୍ମଦୀୟା ମୁସଲିମ ସଙ୍ଗଠନ ପକ୍ଷରୁ ଏକ ଧର୍ମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କେରଙ୍ଗ ଗାଁର ପୂର୍ବତନ ସଭାପତି ମୁନୱର ଅହମ୍ମଦଙ୍କ ସଭାପତିତ୍ୱରେ ପଙ୍ଗାରସିଂ ଗ୍ରାମର ସଭାପତି ଅନୱର ଅହମ୍ମଦ କୋରାନ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଓ ନୟାଗଡ଼ର ଇନ୍‌ଚାର୍ଜ ମୌଲାନା ଫଜଲ ହକ ଖାଁ କହିଲେ, ଶାନ୍ତି ସ୍ଥାପନା ପାଇଁ ନ୍ୟାୟକୁ ପ୍ରାଧାନ୍ୟ ଦେବା ଦରକାର। ଆତ୍ମଶାନ୍ତି ପରମାତ୍ମାଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ। ମୁଖ୍ୟବକ୍ତା ଭାବେ କେରଙ୍ଗ ବସ୍ତିର ମୌଲାନା ଜମାଲ ଶରିୟତ ଅହମ୍ମଦ କହିଥିଲେ, ଅହମ୍ମଦୀୟା ମୁସଲିମ ସଙ୍ଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମ୍ମଦ ସମଗ୍ର ମାନବ ଜାତି ପାଇଁ ଏ ଯୁଗରେ ଶାନ୍ତିର ରାଜକୁମାର ହୋଇ ଆବିର୍ଭାବ ହୋଇଛନ୍ତି। ଏହି ଧର୍ମ ସମ୍ମିଳନୀରେ ମୌଲାନା ହଲିମ ଅହମ୍ମଦ, ମୌଲାନା ନୁରୁଲ ହକ ଖାଁ, ଅମଜାଦ ଖାଁ, ଶୋଏବ ଅହମ୍ମଦ ଏବଂ ଅବ୍ଦୁର ରହମାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାକୁ ନୁରୁଦ୍ଦିନ ଖାଁ, ମନସୁର ଖାଁ ଏବଂ ସମସୁର ଖାଁ ପରିଚାଳନା କରିଥିଲେ।

### କଳାପଥର ଅଗ୍ନିଶମ କାର୍ଯ୍ୟାଳୟ ଲ୍ୟାଣ୍ଡଫୋନ୍ ଅଚଳ

**ବେଗୁନିଆ,୧୩।୩ (ଡି.ଏନ.ଏ.):** କଟକ ଜିଲା ବୈଦେଶ୍ୱର ଥାନା ଅଧୀନ କଳାପଥର ଅଗ୍ନିଶମ କାର୍ଯ୍ୟାଳୟର ଲ୍ୟାଣ୍ଡ ଫୋନ ୩ ମାସ ହେଲା ଅଚଳ ହୋଇପଡିଛି। ଏଥିଯୋଗୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରିକାଳୀନ ସମୟରେ ଲୋକେ ୦୬୭୫୫-୨୨୭୫୯୦ ଫୋନ ନମ୍ବରକୁ କଲ କରୁଥିବା ବେଳେ ଏହି ନମ୍ବର କାହାରିକୁ ଦିଆଯାଇନାହିଁ ବୋଲି ଉତ୍ତର ମିଳୁଛି। ଅନ୍ୟପକ୍ଷରେ ଲୋକେ କାର୍ଯ୍ୟାଳୟରେ ଥିବା କର୍ମଚାରୀଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବରକୁ କଲ କରି ଘଟଣା ସ୍ଥଳକୁ ଡକାଉଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି କୌଣସି ଲୋକେ ଦୁର୍ଘଟଣାସ୍ଥଳରୁ ଫୋନ କରିବାକୁ ହେଲେ କର୍ମଚାରୀଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବର ପାଖରେ ନ ଥିବ, ତେବେ ବଡଧରଣର ଅଘଟଣ ଘଟିବା ପ୍ରାୟ ସୁନିଶ୍ଚିତ। ତେବେ ଏଥିପାଇଁ ଦାୟୀ କିଏ ରହିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ହିତେନ୍ଦ୍ର ମିଶ୍ର, ସରୋଜ ସାହୁ, ଜ୍ୟୋତିରଞ୍ଜନ ପାତ୍ର ପ୍ରମୁଖ କହିଛନ୍ତି।

### ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନ

**ବୋଲଗଡ଼, ୧୩।୩ (ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଧଳାପଥରଠାରେ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନ ବୁଧବାର ଉଦ୍‌ଘାଟିତ ହୋଇଛି। ଧଳାପଥର, ଆରିକମା, କଳାପଥର ସାହିର ବେହେରା ଓ ମହାଜନମାନଙ୍କ ଆବାହକତ୍ୱରେ ଦୁଇକୁଳ, ସାତ ରାଜ୍ୟ, ୩ଶହ ଘର ଶାଖା ପକ୍ଷରୁ ଏହି ଅଧିବେଶନ ଆୟୋଜିତ ହୋଇଛି। ସାହି ମହାଜନ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସକାଳ ୫ଟାରେ ସ୍ଥାନୀୟ ଧବଳେଶ୍ୱର ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ହନୁମାନ ମନ୍ଦିରଠାରେ ପହଞ୍ଚିବା ପରେ କଳସ ସ୍ଥାପନପୂର୍ବକ ହୋମ କରାଯାଇଥିଲା।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଗିରଫ

**କଟକ ସଦର, ୧୩।୩(ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଞ୍ଚଳର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ବସନ୍ତକୁଣ୍ଡଳ ଗ୍ରାମର ପର୍ଶୁ ସାମଲ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୧୦୯/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୧ ତାରିଖରେ ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିବାରୁ ସେ ଚିତ୍କାର କରିଥିଲେ। ଏହି ଚିତ୍କାର ଶୁଣି ପଡୋଶୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

# ରୋକାଯାଇପାରୁନି ମଦ କାରବାର

**ଖୋର୍ଦ୍ଧା ଅଫିସ,୧୩।୩**

- ବିଷାକ୍ତ ମଦ ଅଘଟଣ ପରେ ବି ଚେତା ପଶୁନି
- ୧୬ବର୍ଷରେ ଜିଲା ଦେଖିଲାଣି ୨୫ ମଦମୃତ୍ୟୁ

ବେଆଇନ ମଦ କାରବାର ଯୋଗୁ ବିଭିନ୍ନ ସମୟରେ ଅଘଟଣ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଭଙ୍ଗାରୁଜା ହେଉଥିଲେ ମଧ୍ୟ ନିରାକରଣ ପ୍ରତି କାହାର ଆନ୍ତରିକତା ନାହିଁ। ଖୋର୍ଦ୍ଧା ଜିଲାର କୋଣ ଅନୁକୋଣରେ ଅପମିଶ୍ରିତ ମଦ ଅବାଧରେ ବିକ୍ରି ଚାଲିଛି। ମଦଠାରୁ ଏବେ ଭୟଙ୍କର ରୂପ ଧାରଣ କରୁଛି ଭାଙ୍ଗ, ଗଞ୍ଜେଇ, ଅଫିମ ଓ ବ୍ରାଉନସୁଗାର ଭଳି ନିଶା କାରବାର। ଏହାସହ କୋରେକ୍ସ, ଫେନ୍ସିଡିଲ, ସିର୍‌କୋଡିନ୍, କୋଡାପେନ୍ ଏବଂ ମିଣ୍ଟସ ଭଳି ଔଷଧ ଖାଇଲେ ନିଶା ହେଉଥିବାରୁ ଯୁବକମାନେ ବହୁଳ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଫଳରେ ସେମାନେ ପଥଭ୍ରଷ୍ଟ ହୋଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଜିଲାର ଜାତୀୟ ରାଜପଥ କଡ ଢାବାଠାରୁ ଆରମ୍ଭ କରି ପାନ ଦୋକାନ ପର୍ଯ୍ୟନ୍ତ ମଦ ବିକ୍ରି ହେଉଛି। ଅବକାରୀ ଓ ପୋଲିସ ବିଭାଗର ଛତ୍ର ଛାୟା ତଳେ ନିଶା କାରବାର ଚାଲୁଥିବାରୁ ଅସଲି ଓ ନକଲି ଜାଣିବାର ଉପାୟ ନାହିଁ। ବେଆଇନ ମଦ କାରବାର ଯୋଗୁ ଜିଲାରେ ଗୋଟିଏ ପରେ ଗୋଟିଏ ମଦ ମୃତ୍ୟୁ ଘଟଣା ଘଟି ଚାଲିଛି। ଖୋର୍ଦ୍ଧା ଜିଲାରେ ୧୬ ବର୍ଷ ମଧ୍ୟରେ ୨୫ଟି ମଦମୃତ୍ୟୁ ଘଟି ସାରିଲାଣି। ମଦ କାରବାର ଯୋଗୁ ଘଟିଥିବା ଅଘଟଣ ପରେ ବି ରାଜ୍ୟ ସରକାର ଓ ପ୍ରଶାସନର ଚେତା ପଶୁନି। ଅଘଟଣ ସମୟରେ କେବଳ ଖୋଳତାଡ, ତୁମ୍ଫିତୋଫାନ, କାଦୁଅ ଫିଙ୍ଗା ଚାଲୁଛି। କିଛିଦିନ ପରେ ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲିଯିବା ପରେ ପୁଣି ମଦ ବିକ୍ରି ହେଉଛି।

୨୦୦୩ ଜୁଲାଇ ୧୬ରେ ଚିଲିକା ବ୍ଲକର ସୋରଣଠାରେ ଅପମିଶ୍ରିତ ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୯ ମେ ୪ ଓ ୫ ତାରିଖରେ ଟାଙ୍ଗୀ ବ୍ଲକର ନିରାକାରପୁର ନିକଟସ୍ଥ ବଡପୋଖରିଆରେ ୫ ଜଣଙ୍କ ମଦ ପିଇ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର ଆରଡିସି ସ୍ତରୀୟ ତଦନ୍ତ କରାଇ ଦାୟିତ୍ୱ ଶେଷ କରି ଦେଇଥିଲେ। ୪ ଜଣ ମଦ ବ୍ୟବସାୟୀଙ୍କୁ ଧରି ଜେଲ ପଠାଇଥିଲେ। ଏହି ଘଟଣାରେ ୨ ମଦ ବ୍ୟବସାୟୀ ଫେରାର ରହିଥିବା ଜଣାପଡିଛି। ଏତିକିରେ ଅବକାରୀ ବିଭାଗ ଓ ସରକାରଙ୍କ କାର୍ଯ୍ୟ ସରି ଯାଇଥିଲା। ୨୦୧୨ ଜାନୁୟାରୀରେ ଖୋର୍ଦ୍ଧ-କଟକ ଜିଲା ଅଞ୍ଚଳରେ ମଦମୃତ୍ୟୁ ଘଟିଥିଲା। ୪୩ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଶତାଧିକ ଅସୁସ୍ଥ ହୋଇଥିଲେ। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲାର ଭିଙ୍ଗାରପୁର, ଜିପିକାଲସୁଆଲୋ, ବାସୁଦେବପୁର ଆଦି ଗାଁରେ ବିଷାକ୍ତ ମଦର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। ଇଟାଭାଟିରେ କାମ କରୁଥିବା ଶ୍ରମିକଙ୍କ ସମେତ ୧୨ଟି ଜୀବନ ଅକାଳରେ ଝଡି ପଡିଥିଲା। ଏହି ଘଟଣାରେ ଅବକାରୀ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ଏପରି କି ୩ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। ମଦ ଓ ଔଷଧ ଦୋକାନ ଉପରେ ଚଢାଉ କରାଯାଇଥିଲା। ୨୦୧୩ ଅଗଷ୍ଟ ୧୩ ରେ ପୁଣି ଖୋର୍ଦ୍ଧା ଜିଲାର ବାଣପୁର ନିକଟ ବୋରି ଗାଁରେ ମଦମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୯ ଜଣ ଅସୁସ୍ଥ ହୋଇଥିବା ଅଭିଯୋଗ ହୋଇଥିଲା। ୨୦୧୩ ସେପ୍ଟେମ୍ବର ୧ ରେ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହିର ଗଣେଶ ନାୟକଙ୍କ ମଦ ପିଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେ ସମୟରେ ମହିଳାମାନେ ଦେଶୀ ମଦ ଦୋକାନ ଭଙ୍ଗାରୁଜା କରିବା ସହ ରାସ୍ତାରୋକୋ କରିଥିଲେ। ପରେ ମଦ ଦୋକାନ ପୁଣି ନିକଟରେ ଖୋଲି ଥିଲା।

## ସ୍ୱାସ୍ଥ୍ୟ ଚିକିତ୍ସା, ପରାମର୍ଶ ଶିବିର



ଡାକ୍ତର ରୋଗୀଙ୍କ ଦନ୍ତ ଚିକିତ୍ସା କରୁଛନ୍ତି।

**ବେଗୁନିଆ,୧୩।୩ (ଡି.ଏନ.ଏ.)**

କଟକ ଜିଲା ବୈଦେଶ୍ୱର ଥାନା ଅଧୀନ କଳାପଥରସ୍ଥିତ ବାବା କପିଳେଶ୍ୱର ଦେବଙ୍କ ପୀଠ ପରିସରରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଅଞ୍ଚଳର ପ୍ରାୟ ୧୬୦ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଡାକ୍ତର ଆଲ୍‌ଫା ମହାନ୍ତି, ଗଣେଶ୍ୱର ସୋରେନ, ତେଜସ୍ୱିନୀ ଗଜେନ୍ଦ୍ର ଏବଂ ଟେକ୍‌ନିସିଆନ ଜୟଦେବ ବେହେରା ରୋଗୀଙ୍କୁ ଚିକିତ୍ସା କରିବା ସହ ରୋଗର ଉପଶମ ବିଷୟରେ ପରାମର୍ଶ ଦେଇଥିଲେ। ଆସିଥିବା ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଆୟୋଜକ କ୍ଲବର ସଭାପତି ପଦ୍ମନାଭ ମିଶ୍ର, ସମ୍ପାଦକ ସରୋଜ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ କ୍ଲବର ସଦସ୍ୟ ଦୀପକ ମହାରଣା, ଜ୍ୟୋତିରଞ୍ଜନ ପାତ୍ର, ବବୁଲ ମହାରଣା, ଅମିତ ସାମଲ, ହୃଦାନନ୍ଦ ମହାରଣା, ମାନସ ସାହୁ, କାହ୍ନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସିକୋରେ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପ୍ରତିଷ୍ଠା ଉତ୍ସବରେ ପଣ୍ଡିତଙ୍କ ସହ ଶ୍ରଦ୍ଧାଳୁମାନେ।

**ବେଗୁନିଆ, ୧୩।୩ (ଡି.ଏନ.ଏ.):** ବେଗୁନିଆ ବ୍ଲକ ଅଧୀନ ସିକୋ ଗ୍ରାମରେ ଥିବା ବାବା ତାରେଶ୍ୱର ଦେବଙ୍କ ପୀଠ ପରିସରରେ ବୁଧବାର ମନ୍ଦିର ଓ ରତ୍ନ ଚୁଣ୍ଡି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଜଗନ୍ନାଥ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ପୂଜା ପାଠ କରିଥିଲେ। ସକାଳୁ ଠାକୁରଙ୍କର ନୀତି ସମ୍ପନ୍ନ ହୋଇଥିଲା। ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସିକୋ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମହିଳା ସିଲେଇ ତାଲିମକେନ୍ଦ୍ର ଉଦ୍‌ଘାଟିତ

**ବୋଲଗଡ଼, ୧୩।୩ (ଡି.ଏନ.ଏ.):** ମହିଳାମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ବୁଧବାର ଏକ ସିଲେଇ ତାଲିମ କେନ୍ଦ୍ର ବୋଲଗଡ଼ ବ୍ଲକ ଟିକାତାଳ ଶ୍ରୀରାମକୃଷ୍ଣ ସେବାଶ୍ରମ ପକ୍ଷରୁ ଉଦ୍‌ଘାଟିତ ହୋଇଛି। ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗ୍ରାମର ୧୮ ମହିଳା ମାଗଣା ତାଲିମ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ବସନ୍ତ କୁମାର ନରେନ୍ଦ୍ର ସିଲେଇ ତାଲିମ ପ୍ରଦାନ କରୁଛନ୍ତି। ୩ ମାସ ପରେ ୨ୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ରହିଥିବା ନେଇ ସେବାଶ୍ରମର ସହ ସମ୍ପାଦକ ସର୍ବେଶ୍ୱର ସାହୁ ସୂଚନା ଦେଇଛନ୍ତି।

## ବୋଲଗଡ଼ ବ୍ଲକ: ୧୭ ବୁଥ୍ ସମ୍ବେଦନଶୀଳ

**ବୋଲଗଡ଼, ୧୩।୩ (ଡି.ଏନ.ଏ.):** ଚଳିତ ସାଧାରଣ ନିର୍ବାଚନ ଅବସରରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ୧୧୬ଟି ବୁଥ୍‌ରେ ମତଦାନ ବ୍ୟବସ୍ଥା ରହିଛି। ତେବେ ମତଦାନ ପାଇଁ ୧୭ଟି ବୁଥ୍‌କୁ ସମ୍ବେଦନଶୀଳ ବୁଥ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ଏହି ବ୍ଲକ ଅଞ୍ଚଳରେ ୧ଲକ୍ଷ ୩ ହଜାର ୫ଶହ ୨୫ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ନିର୍ବାଚନ ପାଇଁ ବ୍ଲକକୁ ୧୦ଟି ସେକ୍ଟର୍‌ରେ ବିଭକ୍ତ କରାଯାଇଛି। ଏଥିପାଇଁ ୧୨୧ଜଣ ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୁଲିଂ ଅଫିସର, ସେକେଣ୍ଡ ପୁଲିଂ ଅଫିସର, ଥାର୍ଡ ପୁଲିଂ ଅଫିସର ନିଯୁକ୍ତ ହେବା ପ୍ରସ୍ତୁତି ହୋଇଛି । ସେହିପରି ୨ହଜାରରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରିବାକୁ ଥିବା ବୁଥ୍‌ଗୁଡିକ ପାଇଁ ୬୦ଜଣ ୪ର୍ଥ ପୁଲିଂ ଅଫିସର ନିଯୁକ୍ତ ହେବା ପାଇଁ ଗ୍ରାମ ପଞ୍ଚାୟତ ଅଧିକାରୀ ତ୍ରିନାଥ ରାଉଳଙ୍କଠାରୁ ସୂଚନା ମିଳିଛି । ଭୋଟବେଳେ ଶାନ୍ତି ଓ ଶୃଙ୍ଖଳା ନିମନ୍ତେ ବ୍ୟାପକ ସୁରକ୍ଷା ଓ ପୋଲିସ ମୁତୟନ ବ୍ୟବସ୍ଥା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବାଣପୁରରେ ମଦ ବିରୋଧୀ ସମାବେଶ




ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନରେ ବାହାରିଥିବା ମହିଳାପୁରୁଷମାନେ।

**ଖୋର୍ଦ୍ଧା ଅଫିସ,୧୩।୩**

ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ରାଜ୍ୟକୁ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ବୁଧବାର ବାଣପୁରରେ ମଦ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ମେଡିକାଲ ଛକରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି କଲେଜ ଛକଠାରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇ ସ୍ଥାନୀୟ ଅଞ୍ଚଳରେ ମଦ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରାଯାଇଥିଲା। ବାଣପୁର ଏନ୍‌ଏସି ଆବାହକ ରାଜଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନିଶା ନିବାରଣ ଅଭିଯାନ ରାଜ୍ୟ ସମିତିର ଉପସଭାପତି ବିଜୟ ସ୍ୱାଇଁ, ସହସମ୍ପାଦିକା ଅପର୍ଣ୍ଣା ନାୟକ, ମଳୟ ତ୍ରିପାଠୀ, ରାମ ଶଙ୍କର, କନକଲତା, କାହ୍ନୁଚରଣ ବେହେରା, ପୀତାମ୍ବର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ, ମଦ୍ୟପାନ ଯୋଗୁ ବିଭିନ୍ନ ରୋଗ ସହ ଦୁର୍ଘଟଣା ଘଟୁଛି। ଘରୋଇ ହିଂସା, ମାରପିଟ୍ ବୃଦ୍ଧି ପାଇବାରେ ଲାଗିଛି। ଧନ ଜୀବନ ନଷ୍ଟ ହେଉଛି। ଏଣୁ ମଦ ତିଆରି ଓ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇବା ଦରକାର ବୋଲି ଟିପ୍ପଣୀ ରଖିଥିଲେ।

## ଆଶାୟୀ ପ୍ରାର୍ଥୀଙ୍କ ହୋର୍ଡିଂ ହଟାଯାଇନି

**ଟାଙ୍ଗୀ(ଖୋର୍ଦ୍ଧା),୧୩।୩(ଡି.ଏନ.ଏ.):** ସାଧାରଣ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଘୋଷିତ ହେବା ସହିତ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି । ଏଥିପୂର୍ବରୁ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଥିବା ଆଶାୟୀ ପ୍ରାର୍ଥୀମାନେ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ରାସ୍ତାପାର୍ଶ୍ୱ, ଛକ ଜାଗା, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟୁତ ଖୁଣ୍ଟ ଇତ୍ୟାଦିରେ ହୋର୍ଡିଂ ଲଗାଇଥିଲେ । ସମ୍ପ୍ରତି ଏହାକୁ ହଟାଇ ଦେବା ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱ ବିଭାଗ ତରଫରୁ ଟାଙ୍ଗୀ ତହସିଲଦାରଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକଙ୍କ ସମେତ କର୍ମଚାରୀମାନେ ବିଭିନ୍ନ ସ୍ଥାନରୁ ଏହିସବୁ ହୋର୍ଡିଂଗୁଡିକୁ ହଟାଇ ଦେଇଥିଲେ । କିନ୍ତୁ ଏବେ ମଧ୍ୟ ଅନେକ ସ୍ଥାନରେ ହୋର୍ଡିଂ ରହିଥିବା ଦେଖାଯାଉଛି । ତେଣୁ ଏହାକୁ ତୁରନ୍ତ ହଟାଇବାକୁ ଦାବି ହେଉଛି।

## ବିଜେଡି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଜପାରେ ଯୋଗଦେଲେ

**ବୋଲଗଡ଼,୧୩।୩(ଡି.ଏନ.ଏ.)**

ବୋଲଗଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ବିଜେଡି ସଭାପତି ରଘୁନାଥ ଷଡ଼ଙ୍ଗୀ ସମର୍ଥକଙ୍କ ସହ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରରେ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, କର୍ମକର୍ତ୍ତା ଅପରାଜିତା ଷଡଙ୍ଗୀ, ଭୃଗୁ ବକ୍ସିପାତ୍ର, ସମିର ମହାନ୍ତି, କନକବର୍ଦ୍ଧନ ସିଂଦେଓ ଏବଂ ଅଭିନେତ୍ରୀ ଅପରାଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୋଲଗଡ଼ ଭାଜପା କାର୍ଯ୍ୟାଳୟଠାରେ ମଣ୍ଡଳ ସଭାପତି ଚନ୍ଦ୍ରଭାନୁ ମହାରଥୀଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## କ୍ୟାନ୍‌ସର ଉପଶମ ପାଇଁ ବିଜ୍ଞାନ ଅଗ୍ରସର ହେଉଛି



ଆଲୋଚନାଚକ୍ରରେ ପ୍ରଫେସର ପି.ଏନ୍. ରଙ୍ଗରାଜନ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ,୧୩।୩:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ଓ୍ୱିଜଡମସ୍ଥିତ ଆନେକ୍ସ-୧ ଠାରେ ବୁଧବାର ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ଶିକ୍ଷାନୁଷ୍ଠାନର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ହେଉଥିବା ଏହି ଆଲୋଚନାଚକ୍ରର ମୁଖ୍ୟଅତିଥି ଥିଲେ ପ୍ରଫେସର ପି.ଏନ୍. ରଙ୍ଗରାଜନ। ମେଡ଼ିକାଲ ସାଇନ୍ସ କ୍ଷେତ୍ରରେ ପ୍ରଫେସର ରଙ୍ଗରାଜନ ମର୍ଯ୍ୟାଦାଜନକ ଶାନ୍ତି ସ୍ୱରୂପ ଭଟ୍ଟନାଗର ଉପାଧି ପାଇଛନ୍ତି। ଏହି ଅବସରରେ ରଙ୍ଗରାଜନ କହିଥିଲେ, ବିଜ୍ଞାନର ଉପକାରିତା ଘରେ ଘରେ ପହଞ୍ଚିବା ଦରକାର। ତୃଣମୂଳସ୍ତର ପର୍ଯ୍ୟନ୍ତ ବିଜ୍ଞାନ ପହଞ୍ଚିବା ଉଚିତ୍। ସାଧାରଣ ଲୋକଙ୍କ ନିତିଦିନିଆ ଜୀବନରେ ଯଦି ବିଜ୍ଞାନ ପ୍ରଭାବ ପକାଇ ପାରିବ ତାହାଲେ ବୈଜ୍ଞାନିକମାନେ ସଫଳ ହେବେ। ଆଗାମୀ ଦିନରେ କ୍ୟାନ୍‌ସର ଭଳି ଭୟାନକ ରୋଗର ଉପଶମ ପାଇଁ ବିଜ୍ଞାନ ଅଗ୍ରସର ହେଉଛି ବୋଲି ସେ ମତ ଦେଇଥିଲେ। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଡ. ନେତାଜୀ ଅଭିନନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଦେଶର ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ନେଇ ରେଭେନ୍‌ଶାରେ ସ୍ୱତନ୍ତ୍ର ଆଲୋଚନଚକ୍ର ଜାରି ରହିବ ବୋଲି ଏହି ଅବସରରେ ଘୋଷଣା ହୋଇଥିଲା। ପ୍ରଫେସର ପଦନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## 'ଆମେ ଓ ଆମ ମହାବିଦ୍ୟାଳୟ' ଆଲୋଚନାଚକ୍ର

**ନିରାକାରପୁର,୧୩।୩(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ବୁଧବାର ଅପରାହ୍ନ ୫ଟାରେ 'ଆମେ ଓ ଆମ ମହାବିଦ୍ୟାଳୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ନିରାକାରପୁରସ୍ଥିତ କ୍ଷେତ୍ରବାସୀ ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ପୁରାତନ ଛାତ୍ର ଶଙ୍କର୍ଷଣ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାନୁଷ୍ଠାନ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରଙ୍କ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଉକ୍ତ ମହାବିଦ୍ୟାଳୟର ବିକାଶ ନିମନ୍ତେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତ ଉପସ୍ଥାପନ କରିଥିଲେ।

## ବିଜେଡି କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମକର୍ତ୍ତା ।

**ଖୋର୍ଦ୍ଧା ଅଫିସ,୧୩।୩**

ଚିଲିକା ବ୍ଲକ ଆଙ୍କୁଲା ପଞ୍ଚାୟତ କଲେଜ ଛକରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକ୍ରମ ଓ ମୋଦି ସରକାରଙ୍କର ବିଫଳତା ଉପରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତ ସିଂହାର, ବ୍ଲକ ଉପାଧ୍ୟକ୍ଷ ଉତ୍କଳ ପାଇକରାୟ, ସରପଞ୍ଚ ମମତା ପାଇକରାୟ, ଏମ୍‌ପି ପ୍ରତିନିଧି ରମେଶ ଚନ୍ଦ୍ର ମହାପାତ୍ର, ପଞ୍ଚାୟତ ସଭାପତି ଦୀପକ ଜଗଦେବ, ଯୁବ ସଭାପତି ମହେଶ ବିଶ୍ୱାଳ, ମାନସ ଶତ୍ରୁସଲ୍ୟ, କୃଷ୍ଣ ଚନ୍ଦ୍ର ମାର୍ଥା, ନାଏବ ସରପଞ୍ଚ ଗୋବିନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍‌ସିବିରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ ଅଫିସ, ୧୩।୩**




**ଚିକିତ୍ସା ଅବହେଳା ଅଭିଯୋଗ**
- ପୋଲିସର ତଦନ୍ତ ଆରମ୍ଭ
- ଦୀର୍ଘ ସମୟ ପର୍ଯ୍ୟନ୍ତ ଆସିଲେନି ଡାକ୍ତର

ରୋଗୀ ମୃତ୍ୟୁକୁନେଇ ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ୱାର୍ଡରେ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକ ୱାର୍ଡ ସମ୍ମୁଖରେ ହୋ ହଲ୍ଲା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏ ନେଇ ରୋଗୀଙ୍କ ପରିବାର ଲୋକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୁରୀ ଜିଲା ଭଗତପଡ଼ା ଅଞ୍ଚଳର ପ୍ରଦୀପ ମଲ୍ଲିକଙ୍କ ପେଟରେ ଗ୍ୟାଷ୍ଟିକ୍ ହୋଇଥିଲା। ଫଳରେ ତାଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଗତ ସୋମବାର ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ହସ୍ପିଟାଲର ହୃଦ୍‌ରୋଗ ୱାର୍ଡରେ ଆଡ୍‌ମିଟ୍ କରାଯାଇଥିଲା। ପ୍ରଦୀପଙ୍କ ଭଉଣୀ ସୁଲୋଚନାଙ୍କ ଅଭିଯୋଗ ଅନୁଯାୟୀ, ଆଡମିଶନ ପରେ ଡାକ୍ତର ପ୍ରଦୀପଙ୍କର କିଡ୍‌ନୀ ରୋଗ ଥିବା କହିଥିଲେ ଏବଂ ଚିକିତ୍ସା କଲେ ରୋଗ ଭଲ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବୁଧବାର ସନ୍ଧ୍ୟାରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏହାଦେଖି ତାଙ୍କ ପରିବାର ଲୋକେ ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡାକ୍ତର ଆସି ନ ଥିଲେ। ଫଳରେ ରୋଗୀ ଜଣଙ୍କ ଦୀର୍ଘ ସମୟ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ସୁଲୋଚନା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳାବାଗ ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ହୋଇନି। ଯଦି ଅଭିଯୋଗ ଆସେ ତେବେ ତାହା ଉପରେ ତଦନ୍ତ କରାଯିବ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ



## ସଂକ୍ଷେପରେ

### କିରୋସିନ ଢାଳି ମହିଳାଙ୍କୁ ହତ୍ୟା ଉଦ୍ୟମ

**ପୁରୀ ଅଫିସ,୧୩।୩:** ଅଧିକ ଯୌତୁକ ଦାବିକରି ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ କିରୋସିନ ଢାଳି ହତ୍ୟା ଉଦ୍ୟମ କରୁଥିବା ବୁଧବାର କୁମ୍ଭାରପଡା ଥାନାରେ ଅଭିଯୋଗ ହୋଇଛି। କଣ୍ଢେଇ ନାୟକ(୨୮) କୁମ୍ଭାରପଡା ବସ୍ତିର ଜଣେ ଯୁବକଙ୍କୁ ୮ବର୍ଷ ତଳେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବିକରି ଶ୍ୱଶୁର ଘର ଲୋକେ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ନିକଟରେ ଶାଶୁଘର ଲୋକେ କଣ୍ଢେଇଙ୍କୁ କିରୋସିନ ଢାଳି ହତ୍ୟା ଉଦ୍ୟମ କରୁଥିବା ଖବର ପାଇ ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଉଚ୍ଛେଦ ହେଲା ସରକାରୀ ହୋର୍ଡିଂ

**ନିମାପଡ଼ା/କଣାସ୧୩।୩(ଡି.ଏନ୍.ଏ./ସ୍ୱ.ପ୍ର.):** ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ନିମାପଡ଼ା, ଚାରିଛକ, ତୁଳସୀପୁର, ଖେଲାର, ବଳଙ୍ଗା, ବାମନାଳ ଆଦି ଅଞ୍ଚଳରେ ଲାଗିଥିବା ସରକାରୀ ଯୋଜନା ସମ୍ପର୍କିତ ହୋର୍ଡିଂ, ବ୍ୟାନର, ଗେଟ୍‌କୁ ଉଚ୍ଛେଦ କରାଯାଇଛି। ତହସିଲଦାର କମଳଜିତ ଦାସ, ଅତିରିକ୍ତ ତହସିଲଦାର ଲୋଚନ ଦାସଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିଲା। କୌଣସି ରାଜନେତା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଦାସ କହିଛନ୍ତି। ସେହିପରି କଣାସ ତହସିଲଦାର ଅନିତା ପଣ୍ଡା ଓ ବିଡିଓ ପ୍ରତିଭା ସାହୁଙ୍କ ନିର୍ଦ୍ଦେଶରେ ବ୍ଲକର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂ, ବ୍ୟାନରକୁ ଉଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ନଦୀ, କେନାଲ ଉପରେ ନିର୍ମାଣ ହୋଇଥିବା ପୋଲ, ଟ୍ରାନ୍ସଫର୍ମର ପିଣ୍ଡିରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ନାମ ଲେଖାଥିବା ଦେଖିବାକୁ ମିଳିଛି। କଣାସ ତହସିଲଦାର ପଣ୍ଡା କୁହନ୍ତି, ସମସ୍ତ ସରକାରୀ ଜାଗାରୁ ହୋର୍ଡିଂ, ପୋଷ୍ଟର, ବ୍ୟାନର ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ପଞ୍ଚାୟତ ବୁଲି ଦେଖିବା ସମ୍ଭବ ନୁହେଁ। କେଉଁଠାରେ ଲେଖାରହିଛି କୁହନ୍ତୁ, ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସମନ୍ୱୟ ଅଭାବରୁ ଖର୍ଚ୍ଚ ହୋଇପାରୁନି ଟଙ୍କା

**ଗୋପ,୧୩।୩(ଡି.ଏନ୍.ଏ.):** ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତରେ ରାଜନୈତିକ ବିବାଦ ଲାଗି ରହିବା ଫଳରେ ଏହି ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ପୋଖରୀ, ଆଲୋକୀକରଣ, ରାସ୍ତା, ଗ୍ରାମ୍ୟ ଶ୍ମଶାନ, କଲ୍ୟାଣ ମଣ୍ଡପ, ପୋଖରୀ କୂଳରେ ମହିଳାଙ୍କ ବସ୍ତ୍ର ପରିଧାନ ଗୃହ, ପାନୀୟ ଜଳ ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା ଆଦି ଯୋଜନା ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ବେଦପୁର ପଞ୍ଚାୟତରେ କାର୍ଯ୍ୟ ନ ହୋଇ ଫେରିଯିବାର ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହି କାର୍ଯ୍ୟ ହୋଇପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଥିବାବେଳେ ତୃଣମୂଳ ସ୍ତରରେ ଗ୍ରାମାଞ୍ଚଳର ବିକାଶ ହୋଇପାରୁନଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ଏନେଇ ଗୋପ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଅଭିଯୋଗ ସମ୍ପର୍କରେ ଅବଗତ ଅଛି। ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଡାକି ଖୁବ୍ ଶୀଘ୍ର ଆଲୋଚନା କରିବେ ବୋଲି କହିଛନ୍ତି।

### ନିଷ୍ଠା, ପରିଶ୍ରମ ସଫଳତାର ଚାବିକାଠି

**ପୁରୀ ଅଫିସ,୧୩।୩:** ଶିଶୁ ଶିକ୍ଷାନୁଷ୍ଠାନ କିଡ୍‌ସ ହୋମ୍ ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ସୁରଜମଲ୍ଲ ସାହା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଶ୍ୱିନ କୁମାର ଦାସ ମୁଖ୍ୟଅତିଥି, ସାମାଜିକକର୍ମୀ ଚକ୍ରଧର ମହାପାତ୍ର, ଶୁଭାଶିଷ ଖୁଣ୍ଟିଆ ଏବଂ ମହେଶ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ନିଷ୍ଠା ଓ ପରିଶ୍ରମ ସଫଳତାର ଚାବି କାଠି ଛାତ୍ରୀଛାତ୍ରମାନେ ନିଷ୍ଠାର ସହିତ ବିଦ୍ୟାଧ୍ୟୟନ କଲେ ସଫଳ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ୟାମପ୍ରକାଶ ସେନାପତି ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ୱାଗତ ଭାଷଣ,ଅଧକ୍ଷା ରୂପାଲି ଚାନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଅନ୍ନପୂର୍ଣ୍ଣା ଦେବୀ, ପୂର୍ଣ୍ଣଚନ୍ଦ୍ର ଦାଶ, ମୋନାଲିସା ଦାସ, ରୋଜାଲିନ ପଣ୍ଡା, ରୋଜାଲିନ ପାଇକରାୟଙ୍କୁ ସମ୍ମାନିତ କରାଯାଇଥିଲା।

## ■ ଶ୍ରୀମନ୍ଦିରରେ ନୀତି ବିଳମ୍ବ ଦଣ୍ଡ

# କର୍ମଚାରୀଙ୍କ କ୍ଷେତ୍ରରେ ବି ଲାଗୁ ହେଉ

**ପୁରୀ ଅଫିସ,୧୩।୩**



ଶ୍ରୀମନ୍ଦିରରେ ନୀତି ବିଳମ୍ବକୁ ନେଇ ମନ୍ଦିର ପ୍ରଶାସନ ବିଭିନ୍ନ ପ୍ରକାର ଦଣ୍ଡ ବ୍ୟବସ୍ଥା କରିଛି। ଏହି ଦଣ୍ଡ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଗଲାଣି। ତେବେ ମହାପ୍ରଭୁଙ୍କ ସେବାରେ ବିଳମ୍ବ ପାଇଁ ଦଣ୍ଡବିଧାନ ଠିକ୍ ଅଛି। ଏହାଦ୍ୱାରା ସମସ୍ତେ ସମୟାନୁବର୍ତ୍ତୀ ହୋଇ ଠାକୁରଙ୍କ ନୀତିକାନ୍ତି ଧାର୍ଯ୍ୟ ସମୟରେ ସମ୍ପନ୍ନ କରିବେ। କିନ୍ତୁ ଯେଉଁ ନିୟମ ଲାଗୁ ହେଉଛି ତାହା କେବଳ ସେବାୟତଙ୍କ ପାଇଁ ନୁହେଁ, ସେବାପୂଜା ସହିତ ସମ୍ପୃକ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରିବା ଦରକାର। ଏହାଦ୍ୱାରା ଠାକୁରଙ୍କ ନୀତିକାନ୍ତି ଶୃଙ୍ଖଳିତ ହେବ ଏବଂ ଭକ୍ତମାନେ ମଧ୍ୟ ଭଲ ଭାବେ ଦର୍ଶନ କରିପାରିବେ।

ଶ୍ରୀମନ୍ଦିରରେ ନୀତିକାନ୍ତିକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ମନ୍ଦିର ପ୍ରଶାସନ ପ୍ରଥମେ ଜରିମାନା ନିଷ୍ପତ୍ତି ନେଇଥିଲା। ଅର୍ଥାତ୍ ଯେଉଁ ସେବକ ସେବାରେ ୧୫ ମିନିଟ୍ ବିଳମ୍ବ କରିବେ, ସେମାନଙ୍କର ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସମସ୍ତ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଏହାପରେ ଗତ ଜାନୁୟାରୀ ୨୯ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କୌଣସି ସେବକ ଯଦି ତିନିଥର ନୀତି ବିଳମ୍ବ କରନ୍ତି, ତେବେ ଆଇନ ଅନୁସାରେ ତାଙ୍କୁ ସେବା କାର୍ଯ୍ୟରୁ ବହିଷ୍କାର କରାଯିବ। ଇଚ୍ଛାକୃତ ଭାବେ ଯଦି କେହି ଥରେ ବିଳମ୍ବ କରନ୍ତି ବୋଲି ଜଣାପଡିବ ତାଙ୍କୁ ସେବାରୁ ବାଦ୍ ଦିଆଯିବ।

ତେବେ ଏହି ଦଣ୍ଡ ବ୍ୟବସ୍ଥା ପରଠାରୁ ଶ୍ରୀମନ୍ଦିରରେ ସେବାପୂଜା ପ୍ରାୟ ଶୃଙ୍ଖଳିତ ଚାଲିଛି। ପୂର୍ବଭଳି ଯେମିତି ବିଳମ୍ବ ହେଉଥିଲା ଆଉ ପ୍ରାୟ ସେଭଳି ସ୍ଥିତି ନାହିଁ। କିନ୍ତୁ ମଝିରେ ମଝିରେ ଶ୍ରୀମନ୍ଦିର କର୍ମଚାରୀଙ୍କ ପାଇଁ ବି ନୀତିରେ ବିଳମ୍ବ ହେଉଛି। ଗତ ୩ ତାରିଖରେ ଦୁଇ ପ୍ରମୁଖ ସେବାୟତ ନିଯୋଗ ମଧ୍ୟରେ କଥା କଟାକଟିକୁ ନେଇ ଭୋଗ ମଣ୍ଡପ ଉଠିବାରେ ପ୍ରାୟ ୪୫ ମିନିଟ୍ ବିଳମ୍ବ ହୋଇଥିଲା। ଆଉ ଏହି ବିଳମ୍ବ ପାଇଁ ଶ୍ରୀମନ୍ଦିର କର୍ମଚାରୀ ଦାୟୀ ବୋଲି କୁହାଯାଇଥିଲା। କାରଣ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଯେଉଁଦିନ ବାହାର ବିଜେ କରନ୍ତି, ସେହିଦିନ ବାହାର ଦେଉଳି ରୋଷରେ ସୁଆରମାନେ ରହଣି ବା ଶୁଖିଲି ଭୋଗ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଘଟଣା ଦିନ କୌଣସି ସ୍ୱତନ୍ତ୍ର ପର୍ବଯାତ ନ ଥିଲା କି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବାହାର ବିଜେ କରି ନ ଥିଲେ। ହେଲେ ସୁଆର ସେବକମାନେ ବାହାର ଦେଉଳି ରୋଷ ଖୋଲି ଶୁଖିଲି ଭୋଗ ପ୍ରସ୍ତୁତ କରୁଥିବା ବେଳେ ସେମାନଙ୍କୁ ପୂଜାପଣ୍ଡା ସେବାୟତ ବିରୋଧ କରିଥିଲେ। ଏହାକୁ ନେଇ ଦୁଇ ସେବାୟତ ନିଯୋଗ ମଧ୍ୟରେ କଥା କଟାକଟି ହୋଇ ଭୋଗମଣ୍ଡପ ଉଠିବାରେ ବିଳମ୍ବ ହୋଇଥିଲା। ଘଟଣାଦିନ ବାହାର ଦେଉଳି ରୋଷ ଚାବି ଦେବାରୁ ହିଁ ଏପରି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏଭଳି ଅନେକ ଘଟଣାରେ କର୍ମଚାରୀଙ୍କର ମଧ୍ୟ ସମ୍ପୃକ୍ତି ରହୁଛି। ତେଣୁ କର୍ମଚାରୀଙ୍କ କ୍ଷେତ୍ରରେ ଏହି ଦଣ୍ଡ ବ୍ୟବସ୍ଥା ଲାଗୁ କରାଯିବା ଦରକାର ବୋଲି କେତେଜଣ ସେବାୟତ କହିଛନ୍ତି।

## ■ ନୀଳାଚଳ କୃଷକ ମହାସଂଘର ଧାରଣା

# ଶନିବାର ପୁଣି ପ୍ରଶାସନ ସହ ଆଲୋଚନା



ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା କୃଷକମାନେ।

**ପୁରୀ ଅଫିସ,୧୩।୩**

ପୁରୀ ଜିଲା ଚାଷୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ନୀଳାଚଳ କୃଷକ ମହାସଂଘ ସହ ଆଲୋଚନା କରିବା ଲାଗି ଜିଲା ପ୍ରଶାସନ ବୁଧବାର ସମୟ ନିର୍ଘଣ୍ଟ କରିଥିଲା। ଅପରାହ୍ଣ ୪ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଭୂ-ଅର୍ଜନ କାର୍ଯ୍ୟାଳୟ ପରିସରରେ ଏହି ଆଲୋଚନା ଲାଗି ଧାର୍ଯ୍ୟ କରାଯାଇଥିଲା। ଏଥିପାଇଁ ମହାସଂଘର କର୍ମକର୍ତ୍ତାଙ୍କ ସମେତ ବହୁ କୃଷକ ପହଞ୍ଚିଥିଲେ। ହେଲେ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ବରଂ ଆଜି ଆଲୋଚନା ହେବନାହିଁ ବୋଲି ଜଣାଇ ଦିଆଯାଇଥିଲା। ଏହାକୁ ନେଇ କୃଷକମାନେ କ୍ଷୁବ୍ଧ ହୋଇ ଉଠିଥିଲେ। ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରିବା ସହ ଜିଲା ପ୍ରଶାସନର ଅଧିକାରୀଙ୍କ ବିରୋଧରେ ନାରାବାଜି କରିଥିଲେ। ଶେଷରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏବଂ ଏସ୍‌ପି ଉମାଶଙ୍କର ଦାଶ ପହଞ୍ଚି ଧାରଣାରତ କୃଷକଙ୍କ ସହ ଆଲୋଚନା କରିଥିଲେ। ଚାଷ ପାଇଁ ପାଣିର ବନ୍ଦୋବସ୍ତ ଏବଂ ଧାନକିଣା ବଳବତ୍ତର ରଖିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ମହାସଂଘ ସହ ଆସନ୍ତା ଶନିବାର ବୈଠକ ଲାଗି ସମୟ ସ୍ଥିର କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସଭାପତି ଗୋପୀନାଥ ମିଶ୍ର କହିଛନ୍ତି, ପୁରୀ ଜିଲାର କୃଷି ଏବଂ କୃଷକଙ୍କ ବିକାଶ ନିମନ୍ତେ ମହାସଂଘ ୧୯୮୫ରୁ ଚେଷ୍ଟା ଜାରି ରଖିଛି। ହେଲେ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ଚାଷୀ ବେସାହାରା ହୋଇପଡୁଛନ୍ତି। ବୁଧବାର ଆଲୋଚନା ଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମୟ ଦିଆଯାଇଥିଲା। କୌଣସି ଅଧିକାରୀ ଆଲୋଚନାକୁ ନ ଆସିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

# ଡେଲାଙ୍ଗରେ ୩୮ ବୁଥ୍ ସମ୍ବେଦନଶୀଳ, ୯ ଅତି ସମ୍ବେଦନଶୀଳ

**କଣାସ,୧୩।୩(ଡି.ଏନ୍.ଏ.)**

ଏପ୍ରିଲ ୧୧ରୁ ଆରମ୍ଭ ହେଉଛି ସାଧାରଣ ନିର୍ବାଚନ। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଘୋଷଣା କରାଯାଇଥିବା ବେଳେ ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ବ୍ଲକର ୨୧ପଞ୍ଚାୟତରେ ୧୧୯ଟି ବୁଥ୍ ରହିଥିଲାବେଳେ ୯ବୁଥ ଅତି ସମ୍ବେଦନଶୀଳ ଏବଂ ୩୮ ବୁଥ୍ ସମ୍ବେଦନଶୀଳ ରହିଛି। ଚାଇଁପୁର, ଷଢ଼ାଙ୍ଗୋଇର ୪ଟି ବୁଥ୍, ଗଡବେଗୁନିଆପଡା ୧, ଘନିପୁର ୧, ବିଜେବି ନୋଡାଲ ୟୁପିର ୨ଟି ବୁଥ୍, ସୁଜନପୁର ପଞ୍ଚାୟତର ଜଗଦଳପୁର ବୁଥ୍‌କୁ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ କ୍ଷୀରୋଦ୍ର ପ୍ରଧାନ କହିଛନ୍ତି। ସେହିପରି ରେଙ୍ଗଳ ପଞ୍ଚାୟତ ଯମୁନାର ୨ ବୁଥ୍, ରେଙ୍ଗଳର ୨ବୁଥ, ଗୋପିନାଥପୁର, ସିଂହବରହମପୁରର ୨ବୁଥ୍, ଗଡମୋଟରୀ, ବାତଳ, ଜୋରକଣି, ଘୋରଡିଆର ୩ ବୁଥ୍, କୁଆପଦା, ମୁନିନ୍ଦା, ବେନୁପଡା, ଡେଲାଙ୍ଗ ୟୁଜିୟୁପିର ୩ ବୁଥ୍, ନିମାକେରାର ୨ବୁଥ୍ , ଧାନକେରାର ୨ବୁଥ୍, ନଡାଖଣ୍ଡ, ଇନ୍ଦିପୁରର ୨ବୁଥ୍, ହାକପଡାର ୨ବୁଥ୍, ଗୁଆଳିପଡା ସେବାଶ୍ରମର ୨ବୁଥ୍, ବେରବୋଇର ୨ବୁଥ୍, ରେଞ୍ଚର ୨ ବୁଥ୍, ଖେଲୋଉର , ଅରିଶଳର ୨ବୁଥ୍, ମୋଟ ୩୮ବୁଥ୍ ଉତେଜନା ପ୍ରବଣ ଚିହ୍ନଟ ହୋଇଛି। ଏହି ବୁଥ୍‌ଗୁଡ଼ିକ ସମ୍ବେଦନଶୀଳ ହୋଇଥିବାରୁ ଥାନା ଅଧିକାରୀ ଓ ମାଜିଷ୍ଟ୍ରେଟଙ୍କୁ ଅବଗତ କରାଯାଇଥିବା ବିଡିଓ ପ୍ରଧାନ କହିଛନ୍ତି। ଡେଲାଙ୍ଗ ବ୍ଲକର ୧୧୯ଟି ବୁଥରେ ମୋଟ ୯୭ହଜାର ୭୫୫ ମତଦାତା ମତଦାନ କରିବା ପାଇଁ ବ୍ୟବସ୍ଥା କରାଯାଉଥିବା ବିଡିଓ ପ୍ରଧାନ କହିଛନ୍ତି।

### ନୂତନ ପେନ୍‌ସନ ଯୋଜନା ଶିକ୍ଷକଙ୍କୁ ସରକାରଙ୍କ ଅଣଦେଖା

**ପୁରୀ ଅଫିସ,୧୩।୩**

ନୂତନ ପେନ୍‌ସନ ଯୋଜନା ପ୍ରାଥମିକ ଶିକ୍ଷକଙ୍କ କ୍ୟାଡର ସଂଶୋଧନ କରାଯାଇଛି। ସେମାନଙ୍କ ଗ୍ରେଡ୍ ପେ’ ୨୨ଶହରୁ ୨୮ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ୭ମ ବେତନ କମିଶନକୁ ସଂଶୋଧନ କରାଯାଇନାହିଁ। ଏ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଏହାକୁ ତୀବ୍ର ବିରୋଧ କରୁଛି ବୋଲି ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଏକ ପ୍ରେସ ବିବୃତିରେ କହିଛନ୍ତି। ସେ ଆହୁରି କହିଛନ୍ତି, ୨୦୧୭ ନଭେମ୍ବରରୁ ନୂତନ ପେନ୍‌ସନ ଯୋଜନା ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ନିକଟରେ ଦାବି ହୋଇଆସୁଛି। ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଅନ୍ୟ ଶିକ୍ଷକମାନଙ୍କ ଦରମା ବୃଦ୍ଧି ସହ ସରକାରୀ ସୁବିଧା ପ୍ରଦାନ କରିଛନ୍ତି। ସରକାରଙ୍କ ଏହି ପ୍ରାଥମିକ ଶିକ୍ଷକମାରଣ ନୀତିକୁ ସଂଘ ତୀବ୍ର ବିରୋଧ କରୁଛି ବୋଲି ମହାରଣା କହିଛନ୍ତି।

# ଭୋଟରଙ୍କୁ ପ୍ରଲୋଭନ ଭଳି କାର୍ଯ୍ୟ ଉପରେ ଲାଗିବ ଅଙ୍କୁଶ

## ■ ଗଠନ ହେଲା ଫ୍ଲାଇଂ ସ୍କ୍ୱାଡ୍

**ପୁରୀ ଅଫିସ,୧୩।୩**



ବୈଠକରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ସହ ଅନ୍ୟ ଅଧିକାରୀ।

ଆଗାମୀ ସାଧାରଣ ନିର୍ବାଚନକୁ ନିରପେକ୍ଷ, ଅବାଧ ଏବଂ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ଜିଲା ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛି। ଏଥିମଧ୍ୟରେ ସବୁ ନିର୍ବାଚନମଣ୍ଡଳୀ ପାଇଁ ଗଠନ କରାଯାଇଛି ଫ୍ଲାଇଂ ସ୍କ୍ୱାଡ୍। ଭୋଟରମାନଙ୍କୁ ପ୍ରଲୋଭନ ଦେଖାଇବା ଭଳି କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି ଏହି ସ୍କ୍ୱାଡ୍ ଗଠନ ହୋଇଛି। ଏ ସଂକ୍ରାନ୍ତରେ ବୁଧବାର ସର୍କିଟ ହାଉସ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୋଲିସ ଏବଂ ମାଜିଷ୍ଟ୍ରେଟ୍‌ମାନଙ୍କୁ ନେଇ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଦଳୀୟ କର୍ମୀ ଓ ପ୍ରାର୍ଥୀଙ୍କ କାର୍ଯ୍ୟକଳାପ ଯାଞ୍ଚ କରିବ। ଆବଶ୍ୟକ ପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନପୂର୍ବକ ଟଙ୍କା କିମ୍ବା ନିଶା ସାମଗ୍ରୀ ଜବତ କରିବ। ଏପରି କି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାର କ୍ଷମତା ସ୍କ୍ୱାଡ୍‌କୁ ଦିଆଯାଇଛି। ଏଥିଲାଗି ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ୬ଟି ଲେଖାଏ ଅର୍ଥାତ୍ ଜିଲାର ୬ଟି ନିର୍ବାଚନମଣ୍ଡଳୀ ଲାଗି ୩୬ଟି ଟିମ୍ ଗଠନ କରାଯାଇଥିବା ଜିଲାପାଳ କହିଛନ୍ତି। ଜନସାଧାରଣ ମଧ୍ୟ ଜିଲା ନିୟନ୍ତ୍ରଣ କକ୍ଷକୁ ୦୬୭୫୨୨୨୩୨୩୭କୁ କଲ୍ କରି ଅଭିଯୋଗ କରିପାରିବେ। ସଚେତନ ନାଗରିକ ମଧ୍ୟ ସି ଭିଜିଲ୍ ଆପ୍ ଡାଉନଲୋଡ୍ କରି ଏହା ମାଧ୍ୟମରେ ଅଭିଯୋଗ ସଂକ୍ରାନ୍ତୀୟ ଫଟୋ ପଠାଇଲେ ତୁରନ୍ତ ସେଠାକୁ ସ୍କ୍ୱାଡ୍ ପଠାଯିବାର ବ୍ୟବସ୍ଥା କରାଯାଇଛି। ଚଢ଼ାଉ ବେଳେ ଲୋକଙ୍କ ସହ ବନ୍ଧୁତ୍ୱ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବାକୁ ଏସ୍‌ପି ଉମାଶଙ୍କର ଦାଶ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ତହସିଲ ଅଫିସ ସମ୍ମୁଖରେ ଆମରଣ ଅନଶନ

**ନିମାପଡ଼ା,୧୩।୩(ଡି.ଏନ୍.ଏ.)**




ଆମରଣ ଅନଶନରେ ବସିଥିବା ଅଭିଭାବକମାନେ।

ନିମାପଡ଼ା ଡିଏଭି ସ୍କୁଲରେ ଅନିୟମିତତା ପ୍ରତିବାଦରେ ୧୦ଦଫା ଦାବି ନେଇ ଡିଏଭି ପ୍ୟାରେଣ୍ଟସ୍ ଆସୋସିଏଶନ ପକ୍ଷରୁ ବୁଧବାର ତହସିଲ ଅଫିସ ସମ୍ମୁଖରେ ଆମରଣ ଅନଶନ ଚଳାଇଥିଲେ। ଆସୋସିଏଶନ ସଭାପତି ଦେବରାଜ ମିଶ୍ର, ସମ୍ପାଦକ ବିମ୍ବାଧର ବିଶ୍ୱାଳ, ଦୀପକ ଗୋସ୍ୱାମୀ, ବିଶ୍ୱନାଥ ଦାସ, ସୁନୀଲ ମହାନ୍ତି, ପଞ୍ଚାନନ ପାତ୍ର, ମାନସରଞ୍ଜନ ସେନାପତି ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ପ୍ୟାରେଣ୍ଟସ୍ ଆସୋସିଏଶନ ପକ୍ଷରୁ ପୁରୀ ଜିଲାପାଳ, ଉପଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ସ୍ଥାନୀୟ ତହସିଲଦାର ଏସ୍‌ପି ପ୍ରମୁଖଙ୍କୁ ପୂର୍ବରୁ ଅବଗତ କରାଯାଇଥିଲା। ଅନଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ, ସ୍କୁଲ ଆଦାୟ କରୁଥିବା ଲେଟ୍ ଫାଇନ ଓ ଇ ଲର୍ଣ୍ଣିଙ୍ଗକୁ ବନ୍ଦ କରିବା, ସ୍କୁଲ ୱେବସାଇଟରେ ସମସ୍ତ ତଥ୍ୟ ପ୍ରଦର୍ଶିତ କରିବା, ସ୍କୁଲ ଶିକ୍ଷକମାନେ ଘରୋଇ ଟ୍ୟୁଶନ ବନ୍ଦ କରିବା, ଶିକ୍ଷା ଅଧିକାର ନିୟମ ୨୦୧୦ ଅନୁଯାୟୀ ୨୫ ପ୍ରତିଶତ ପିଲାଙ୍କୁ ମାଗଣା ଶିକ୍ଷାଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ଦାବି ଆଦି ଅନ୍ତର୍ଭୁକ୍ତ। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର କମଳଜିତ ଦାସ ପହଞ୍ଚି ଆଲୋଚନା କରି କହିଥିଲେ, ମୋ ପାଖରେ ତଥ୍ୟ ଭିତ୍ତିକ ଦାବି ଉପସ୍ଥାପନ କଲେ ନିର୍ବାଚନ ପରେ ଏ ସମ୍ପର୍କରେ ବିଚାର କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବ୍ରହ୍ମଗିରି,୧୩।୩(ଡି.ଏନ୍.ଏ.)**

ପୁରୀ ସଦର ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ବୁଧବାର ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ନାବାଳିକା ଜଣକ ବ୍ରହ୍ମଗିରି ଥାନା ଅଞ୍ଚଳରେ ଥିବା ଅଜାଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେଠାରେ ନାବାଳିକାଙ୍କୁ ଏକୁଟିଆ ଦେଖି ଜଣେ ଯୁବକ ବଳାତ୍କାର କରିଥିଲେ। ମାତ୍ର ନାବାଳିକା ଜଣକ ସମ୍ପୃକ୍ତ ଯୁବକଙ୍କୁ ଚିହ୍ନି ପାରି ନ ଥିଲେ। ଏନେଇ ନାବାଳିକାଜଣଙ୍କ ବାପା ମା’ଙ୍କ ସହ ବ୍ରହ୍ମଗିରି ଥାନାକୁ ଆସି ଅଭିଯୋଗ କରିଛନ୍ତି। ବ୍ରହ୍ମଗିରି ପୋଲିସ ସମ୍ପୃକ୍ତ ନାବାଳିକାଙ୍କ ଡାକ୍ତରୀ ମାଇନା କରି ବୟାନ ରେକର୍ଡ କରିଛି । ଖବର ଲେଖାହେବା ବେଳକୁ ଏ ସମ୍ପର୍କରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ଦେଶୀ ମଦ ଜବତ, ଜଣେ ଗିରଫ

**କଣାସ,୧୩।୩(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅଞ୍ଚଳରେ ବେଆଇନ୍ ଚୋରା ମଦ ବିକ୍ରି କରିବା ଅଭିଯୋଗରେ ପୋଲିସ ଜଗଦଳପୁର ଗ୍ରାମର ବିନାୟକ ମତଗଜସିଂହଙ୍କୁ ଗିରଫ କରି ବୁଧବାର କକୋର୍ଟ ଚାଲାଣ କରିଛି। ଏହା ସହ ତାଙ୍କଠାରୁ ୧୫ବୋତଲ ଦେଶୀ ମଦ ଜବତ ହୋଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏନେଇ ଥାନାରେ ମାମଲା(ନଂ.୫୨/୧୯)ରୁଜୁ ହୋଇଛି।

# ସୂର୍ଯ୍ୟମନ୍ଦିର: ନିମ୍ନମାନର ପାଚେରି ନିର୍ମାଣ ନେଇ ଅସନ୍ତୋଷ

**କୋଣାର୍କ, ୧୩।୩(ଡି.ଏନ୍.ଏ.)**

କେଣାର୍କ ସୂର୍ଯ୍ୟମନ୍ଦିର ଚତୁର୍ପାର୍ଶ୍ୱରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟାଦେଶ ପାଇଥିବା ଠିକାଦାର ମନମୁଖିଭାବେ ନିର୍ମାଣ କାର୍ଯ୍ୟ କରୁଥିବାରୁ ସାଧାରଣରେ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏବେ ନିମ୍ନମାନର ପାଚେରି ନିର୍ମାଣ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସିବିଆଇ ତଦନ୍ତ ପାଇଁ ଦାବି ହୋଇଛି। ସୂର୍ଯ୍ୟମନ୍ଦିର ସଂଲଗ୍ନ ଜଗନ୍ନାଥ ମନ୍ଦିରଠାରୁ ଏଏସ୍‌ଆଇ ଗାର୍ଡେନ ପର୍ଯ୍ୟନ୍ତ ୧କି.ମି. ପାଚେରି ନିର୍ମାଣ କରିବା ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟାଦେଶ ପାଇଥିବା ଠିକାଦାର ପାଚେରି ନିର୍ମାଣରେ ନିମ୍ନମାନର ପଥର, ଲୁଣିବାଲି ଓ ବେନାମୀ ସିମେଣ୍ଟ ଦ୍ୱାରା କାର୍ଯ୍ୟ କରୁଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। କାର୍ଯ୍ୟ ଚାଲୁଥିବା ସମୟରେ ଏଏସ୍‌ଆଇର କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନମୁଖି ଭାବେ ଅଣକୁଶଳୀ ଶ୍ରମିକମାନଙ୍କୁ ନିୟୋଜିତ କରି କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପାଚେରି ନିର୍ମାଣ କାର୍ଯ୍ୟର ସିବିଆଇ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଆଜଣାପଡିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଏନେଇ ସ୍ଥାନୀୟ ଏଏସ୍‌ଆଇ ଅଧିକାରୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ପାଚେରି ନିର୍ମାଣ କାର୍ଯ୍ୟ ଠିକ୍ ଚାଲୁଛି। ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବେ ବୋଲି ସେ କହିଥିଲେ।

# ଏସ୍‌ସିବିରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ ଅଫିସ, ୧୩।୩**




- ■ଚିକିତ୍ସା ଅବହେଳା ଅଭିଯୋଗ
- ■ପୋଲିସର ତଦନ୍ତ ଆରମ୍ଭ
- ■ଦୀର୍ଘ ସମୟ ପର୍ଯ୍ୟନ୍ତ ଆସିଲେନି ଡାକ୍ତର

ରୋଗୀ ମୃତ୍ୟୁକୁ ନେଇ ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ୱାର୍ଡରେ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକ ୱାର୍ଡ ସମ୍ମୁଖରେ ହୋ ହଲ୍ଲା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏ ନେଇ ରୋଗୀଙ୍କ ପରିବାର ଲୋକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୁରୀ ଜିଲା ଭଗତପଡ଼ା ଅଞ୍ଚଳର ପ୍ରଦୀପ ମଲ୍ଲିକଙ୍କ ପେଟରେ ଗ୍ୟାଷ୍ଟିକ୍ ହୋଇଥିଲା। ଫଳରେ ତାଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଗତ ସୋମବାର ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ହସ୍ପିଟାଲର ହୃଦ୍‌ରୋଗ ୱାର୍ଡରେ ଆଡ୍‌ମିଟ୍ କରାଯାଇଥିଲା। ପ୍ରଦୀପଙ୍କ ଭଉଣୀ ସୁଲୋଚନାଙ୍କ ଅଭିଯୋଗ ଅନୁଯାୟୀ, ଆଡମିଶନ ପରେ ଡାକ୍ତର ପ୍ରଦୀପଙ୍କର କିଡ୍‌ନୀ ରୋଗ ଥିବା କହିଥିଲେ ଏବଂ ଚିକିତ୍ସା କଲେ ରୋଗ ଭଲ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବୁଧବାର ସନ୍ଧ୍ୟାରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏହାଦେଖି ତାଙ୍କ ପରିବାର ଲୋକେ ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡାକ୍ତର ଆସି ନ ଥିଲେ। ଫଳରେ ରୋଗୀ ଜଣଙ୍କ ଦୀର୍ଘ ସମୟ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ସୁଲୋଚନା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳାବାଗ ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ହୋଇନି। ଯଦି ଅଭିଯୋଗ ଆସେ ତେବେ ତାହା ଉପରେ ତଦନ୍ତ କରାଯିବ।